ଧରିତ୍ରୀ
DHARITRI
September 8-14, 2019 ₹ 2/-

# ଛୁଟିଦିନ

# ଅକ୍ଷତ



୩

ପ୍ରଚ୍ଛଦ ପ୍ରସଙ୍ଗ

ଅକ୍ଷତର ଅର୍ଥ ହେଉଛି ଯାହା ଦେହରେ କ୍ଷତ ଲାଗି ନ ଥାଏ, ଯାହା ସ୍ୱୟଂ ସମ୍ପୂର୍ଣ୍ଣ । ଯାହା ପବିତ୍ର ହୋଇ ରହିଥାଏ। ସେହି ଅକ୍ଷତକୁ କୁହାଯାଏ ଅରୁଆ ଚାଉଳ। ପୂଜା ପାର୍ବଣ ହେଉ କି ବାହାଘର ବ୍ରତଘର, ପିଣ୍ଡଦାନ ହେଉ କି ସାତ୍ତ୍ୱିକ ଭୋଜନ – ଅକ୍ଷତ ବା ଅରୁଆ ଚାଉଳ ବିନା ସବୁକିଛି ଅସମ୍ଭବ...



ସହରଠୁ ଦୂର ୧୩



୮/୯

ସିନେମା

# ଅଙ୍ଗୁଳିର ଲମ୍ବାରୁ ଜାଣନ୍ତୁ ବ୍ୟକ୍ତିତ୍ୱ

ମନୁଷ୍ୟର ଶାରୀରିକ ଗଠନ ବ୍ୟକ୍ତିତ୍ୱ କଥା କହିଥାଏ ବୋଲି ସମୁଦ୍ର ଶାସ୍ତ୍ରରେ ବର୍ଣ୍ଣନା ରହିଛି। ତେବେ ଅଙ୍ଗୁଳିରୁ କିଭଳି ବ୍ୟକ୍ତିତ୍ୱ କଥା ଜାଣିହୁଏ ଆସନ୍ତୁ ଜାଣିବା।



* ଯେଉଁ ବ୍ୟକ୍ତିଙ୍କ ତର୍ଜନି ଅଙ୍ଗୁଳି ମଧ୍ୟମା ଏବଂ ଅନାମିକା ଅଙ୍ଗୁଳି ସହ ସମାନ ଥାଏ ସେମାନେ ସାଧାରଣତଃ ପ୍ରଭାବଶାଳୀ ବ୍ୟକ୍ତି ସମ୍ପନ୍ନ ହୋଇଥାନ୍ତି । ଗର୍ବ ଏବଂ ଅହଙ୍କାର ଏମାନଙ୍କ ସ୍ୱଭାବର ଏକ ଅଂଶ ବିଶେଷ।
* ଯେଉଁ ବ୍ୟକ୍ତିଙ୍କ ତର୍ଜନି ଅଙ୍ଗୁଳି ମଧ୍ୟମା ଆଙ୍ଗୁଳି ଠାରୁ ବଡ ଥାଏ ସେମାନେ ଅନ୍ୟ ଉପରେ ନିଜର ପତିଆରା ଜାହିର କରିବାକୁ ପସନ୍ଦ କରିଥାନ୍ତି। ଏହି ବ୍ୟକ୍ତି ବିଶେଷଙ୍କଠାରେ ମୁନିବ ବା ବସ୍ ହେବାର କ୍ଷମତା ରହିଥାଏ।
* ଯେଉଁ ବ୍ୟକ୍ତିଙ୍କ ଅନାମିକା ଅଙ୍ଗୁଳି ମଧ୍ୟମା ଅଙ୍ଗୁଳି ଠାରୁ ସାନ ଏବଂ ତର୍ଜନି ଅଙ୍ଗୁଳିଠାରୁ ବଡ ହୋଇଥାଏ ସେହି ବ୍ୟକ୍ତିମାନେ ପରିଶ୍ରମୀ ହୋଇଥାନ୍ତି । ଏହି ବ୍ୟକ୍ତିମାନେ ଭାଗ୍ୟ ଅପେକ୍ଷା କର୍ମ ଉପରେ ବିଶ୍ୱାସ କରିଥାନ୍ତି ।
* ଯେଉଁ ବ୍ୟକ୍ତିଙ୍କ ତର୍ଜନି ଅଙ୍ଗୁଳି ଅନାମିକା ଅଙ୍ଗୁଳିଠାରୁ ବଡ ହୋଇଥାଏ ସେମାନେ ଉଚ୍ଚ ଆକାଂକ୍ଷା ସମ୍ପନ୍ନ ହୋଇଥାନ୍ତି ।
* ଯେଉଁ ବ୍ୟକ୍ତିଙ୍କ ତର୍ଜନି ଏବଂ ଅନାମିକା ଅଙ୍ଗୁଳି ସମାନ ଥାଏ ସେମାନେ ଜୀବନରେ ଅଧିକ ଧନ ଅର୍ଜନ କରିବା ସହ ସମାଜରେ ମାନ ସମ୍ମାନ ଲାଭ କରନ୍ତି ।
* ଯେଉଁ ବ୍ୟକ୍ତିଙ୍କ ତର୍ଜନି ଏବଂ କାଣି ଅଙ୍ଗୁଳି ସମାନ ଥାଏ ସେହି ବ୍ୟକ୍ତିମାନେ ବୁଦ୍ଧିମାନ ହୋଇଥାନ୍ତି ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର | ସେପ୍ଟେମ୍ବର ୮-୧୪

**ମେଷ** – ଜୀବନଶୈଳୀର ପରିବର୍ତ୍ତନ, ପାରିବାରିକ ମତାନ୍ତର, ସ୍ୱାସ୍ଥ୍ୟରେ ଉନ୍ନତି, ଆର୍ଥିକ ପ୍ରଗତି, ସହକର୍ମୀଙ୍କ ସହଯୋଗ, ଖର୍ଚ୍ଚଭାର ବୃଦ୍ଧି, ନିର୍ମାଣରେ ଦ୍ୱନ୍ଦ୍ୱ, ପରିବହନରୁ କ୍ଷତି, ବ୍ୟବସାୟରେ ବାଧା, ଜମିଜମା ଚୁକ୍ତିପତ୍ର ।

**ବୃଷ** – ଆଶାନୁରୂପ ଫଳ, ଶାରୀରିକ ଅସୁସ୍ଥତା । ମାଙ୍ଗଳିକ କାମ, ମନୋରଞ୍ଜନ । ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ସମସ୍ୟା ସମାଧାନ । ବନ୍ଧୁଙ୍କ ସମର୍ଥନ, ଯାନ୍ତ୍ରିକ ଜିନିଷଲାଭ, ଆର୍ଥିକ ଅଭିବୃଦ୍ଧି, ଲେଖାପଢାରେ ରୁଚି ।

**ମିଥୁନ** – ନୂତନ ଆଶାଆକାଂକ୍ଷା, ବନ୍ଧୁଙ୍କ ସହାନୁଭୂତି, ଭାରାକ୍ରାନ୍ତ ମନ, ରାଜନୈତିକ ପୃଷ୍ଠପୋଷକତା, ସନ୍ତାନଙ୍କ କୃତିତ୍ୱ, ପ୍ରେସ୍ ପବ୍ଲିକେଶନରେ ସମସ୍ୟା, ଶେୟାର ବଜାରରେ ଲାଭ, ଶିକ୍ଷାରେ ସଫଳତା ।

**କର୍କଟ** – ଉଚ୍ଚସମ୍ମାନ, ନୂତନ ବନ୍ଧୁସମ୍ପର୍କ, ସହକର୍ମୀଙ୍କ ସହାନୁଭୂତି, ସ୍ୱାସ୍ଥ୍ୟରେ ଉନ୍ନତି, ସଭାସମିତିରେ ପ୍ରଶଂସା, ମାଲିମକଦ୍ଦମାରେ ବିଜୟ, ଋଣ ପରିଶୋଧ, ପରୋକ୍ଷ ଶତ୍ରୁତା, ବନ୍ଧୁମିଳନରୁ ପରାମର୍ଶ ।

**ସିଂହ** – ଆର୍ଥିକ ଅଭିବୃଦ୍ଧି, କର୍ମକ୍ଷେତ୍ରରେ ପ୍ରାଧାନ୍ୟତା, ପାରିବାରିକ ଦ୍ୱନ୍ଦ୍ୱ । ଆତ୍ମସମ୍ମାନରେ ବାଧା, ବ୍ୟବସାୟରେ ଉନ୍ନତି, କ୍ରୀଡାରେ ସଫଳତା, ଋଣମୋଚନ, ଧର୍ମକାର୍ଯ୍ୟ, ପଡୋଶୀଙ୍କ ସାହାଯ୍ୟ ।

**କନ୍ୟା** – ସାମୟିକ ଅବସାଦ, ନୂତନ ଯୋଜନାରମ୍ଭ, ବୁଦ୍ଧିଜୀବୀଙ୍କ ପରାମର୍ଶ, ଶେୟାର ବଜାରରେ ପୁଞ୍ଜି ଲଗାଣ, ପ୍ରଶାସନିକ ଅସ୍ଥିରତା, ସ୍ୱାସ୍ଥ୍ୟ ସମସ୍ୟା, ଯାତ୍ରାରେ ଲକ୍ଷ୍ୟପୂରଣ ।

**ତୁଳା** – ପାରିବାରିକ ଅଶାନ୍ତି, ଅନ୍ତର୍ଦ୍ୱନ୍ଦ୍ୱ ବଢିବ, ସେବାରୁ ସମ୍ମାନ, ଏଜେନ୍ସିପ୍ର ପ୍ରସାର, ଜମିଜମା ରେଜିଷ୍ଟ୍ରେଶନ୍, ବାଣିଜ୍ୟିକ ଚୁକ୍ତିପତ୍ର, ସଭାସମିତିକୁ ଆହ୍ୱାନ, କଳାରୁ ପ୍ରଶଂସା, ବନ୍ଧୁଙ୍କ ଈର୍ଷାପରାୟଣତା, ଜିନିଷ ହଜିଯାଇପାରେ, ଯାତ୍ରାରେ କଳହ ।

**ବିଛା** – ବନ୍ଧୁସମ୍ପର୍କ ବୃଦ୍ଧି, ଅର୍ଥ ଓ ସମ୍ମାନ ଲାଭ, ଜମିଜମା କ୍ରୟ, ପ୍ରତିଯୋଗିତାରେ ସଫଳତା, ନିର୍ମାଣରେ ପ୍ରତିବନ୍ଧକ, କର୍ମକ୍ଷେତ୍ରରେ ମିଥ୍ୟାଭିଯୋଗ, ଆତ୍ମୀୟଙ୍କ ଶତ୍ରୁତା, ପ୍ରଶାସନିକ ସଫଳତା, ଆରୋଗ୍ୟଲାଭ ।

**ଧନୁ** – ଉପରିସ୍ଥଙ୍କ ପ୍ରତିଶ୍ରୁତି, ଭୁଲ୍ ବୁଝାମଣାରୁ ଅଶାନ୍ତି, ସ୍ୱାସ୍ଥ୍ୟ ସମସ୍ୟା, ବ୍ୟବସାୟିକ ଉତ୍କର୍ଷତା, ନୂତନ ଆଲୋଚନାରେ ଅଗ୍ରଗତି, ସନ୍ତାନଙ୍କ ବିଶୃଙ୍ଖଳା, ତୀର୍ଥାଟନର ଯୋଜନା, ବନ୍ଧୁମିଳନ ।

**ମକର** – ବନ୍ଧୁଙ୍କ ନିମନ୍ତ୍ରଣ, କାର୍ଯ୍ୟସିଦ୍ଧି, ଆର୍ଥିକ ଉନ୍ନତି । ଶାରୀରିକ ଅସୁସ୍ଥତା, ପଡୋଶୀଙ୍କ କ୍ରୋଧ, ଅର୍ଥନୈତିକ ଅବରୋଧ, ରୋଗରୁ ଉପଶମ, ସ୍ତ୍ରୀଙ୍କ ସୁପରାମର୍ଶ, ବୈବାହିକ ସମ୍ପର୍କରୁ ସ୍ଥିରୀକରଣ, ବ୍ୟୟବୃଦ୍ଧି ।

**କୁମ୍ଭ** – ନୂତନ ପ୍ରକଳ୍ପାରମ୍ଭ, ରଚନାତ୍ମକ କାର୍ଯ୍ୟ, ଗବେଷଣାରେ ସିଦ୍ଧିଲାଭ, ପ୍ରତିବେଶୀଙ୍କ ଈର୍ଷା, ଦ୍ରବ୍ୟନଷ୍ଟରୁ କ୍ଷୋଭ, ବିଦେଶଯାତ୍ରାର ସୁଯୋଗ, ସନ୍ତାନଙ୍କ କୃତିତ୍ୱ, କଚେରି ମାମଲାରୁ ଦୁଶ୍ଚିନ୍ତା, ପ୍ରକାଶନରେ ସମସ୍ୟା, ପାରିବାରିକ ଦ୍ୱନ୍ଦ୍ୱ ।

**ମୀନ** – ବ୍ୟକ୍ତିତ୍ୱର ପରିପ୍ରକାଶ, ସମ୍ପର୍କ ଯୋଡିବେ, ଲକ୍ଷ୍ୟପ୍ରାପ୍ତିରେ ପ୍ରତିବନ୍ଧକ, ଆର୍ଥିକ ପ୍ରଗତି, ନୂତନ ଗୃହ ଲାଭ, ବ୍ୟବସାୟିକ ଉତ୍କର୍ଷ, ଯାତ୍ରା ସ୍ଥଗିତ ହେବ, ସନ୍ତାନ ହେତୁକ ଦୁଃଖ, ଭ୍ରାତୃ ସମ୍ପର୍କରେ ଉନ୍ନତି, ନୂତନ ମୈତ୍ରୀ ।

# ଅଣ୍ଡର ୱାଟର ପେଣ୍ଟିଂ



ପେଣ୍ଟିଂ ଏକ କଳା। ଏହା କାହାର ନିଶା ତ କେହି ଏହାକୁ ପେସା କରି ରୋଜଗାରର ମାଧ୍ୟମ ଭାବେ ବାଛି ନେଇଥାନ୍ତି । ତେବେ ଓଲ୍‌ଗା ବେଲ୍‌କା ନାମକ ଜଣେ ରୁଷୀୟ ପେଣ୍ଟର ନିଜ ନିଶାକୁ ଚରିତାର୍ଥ କରିବା ଲାଗି ଆଉ ଏକ ପାଦ ଆଗେଇ ଯାଇଛନ୍ତି । ସେ ପାଣି ଭିତରେ ଜଣେ ମଡେଲଙ୍କ ଚିତ୍ର ଆଙ୍କି ସାଉଁଟିଛନ୍ତି ଲୋକପ୍ରିୟତା। ଓଲ୍‌ଗା ରୁଷର ଜଣେ ପ୍ରସିଦ୍ଧ ପେଣ୍ଟର। ସେ ଅକ୍ସିଜେନ ମାସ୍କ ପିନ୍ଧି ସମୁଦ୍ର ମଧ୍ୟରେ ପ୍ରବେଶ କରନ୍ତି, ସମୁଦ୍ର ଭିତରର ସୁନ୍ଦର ଦୁନିଆକୁ ରଙ୍ଗତୂଳୀ ମାଧ୍ୟମରେ କାନଭାସ୍ ଉପରେ ଅତି ଜୀବନ୍ତ ଭାବେ ଆଙ୍କିପାରନ୍ତି। ଓଲ୍‌ଗା ଯେଉଁ କାନ୍‌ଭାସ ବ୍ୟବହାର କରନ୍ତି ତାହା ୱାଟର ପ୍ରୁଫ୍ ହୋଇଥିବା ବେଳେ ପେଣ୍ଟିଙ୍ଗ ପାଇଁ ସେ ଅଏଲ ପେଣ୍ଟର ବ୍ୟବହାର କରିଥାନ୍ତି। ଯେହେତୁ ଅଏଲ ପେଣ୍ଟ ପାଣିରେ ମିଶିବ ନାହିଁ ତେଣୁ ଏହା ଅତି ସହଜରେ କାନଭାସ୍ ଉପରେ ଆଙ୍କି ହୋଇଯାଏ। ନିକଟରେ ସେ ଜଣେ ମଡେଲଙ୍କ ସହ ସମୁଦ୍ର ଭିତରେ ଏକ ଅଣ୍ଡର ୱାଟର ପ୍ରୋଜେକ୍ଟ ସମାପ୍ତ କରି ସଫଳତା ସାଉଁଟିଛନ୍ତି । କିନ୍ତୁ ଏହି ପେଣ୍ଟିଂର ସବୁଠାରୁ ମଜା କଥା ହେଉଛି ପାଣି ଭିତରେ ଏତେ ସମୟ ଧରି ରହିବା ପାଇଁ ପେଣ୍ଟର ଏବଂ ମଡେଲଙ୍କୁ ୮ ରୁ ୧୦ କିଲୋ ଓଜନିଆ ବସ୍ତୁ ସହ ନିଜକୁ ବାନ୍ଧି ରଖିବାକୁ ପଡିଥିଲା । ଫଳରେ ସେମାନେ ନିଜକୁ ସ୍ଥିର ରଖିପାରିଥିଲେ, ଯାହାଫଳରେ ପେଣ୍ଟିଂଟି ଅତି ସୁନ୍ଦର ଭାବେ ତିଆରି ହୋଇପାରିଥିଲା।

# ପାଠକୀୟ

● ସୁନ୍ଦର ସୁନ୍ଦର କାରୁକାର୍ଯ୍ୟପୂର୍ଣ୍ଣ ମେଢ ଦେଖି ସମସ୍ତେ ଆନନ୍ଦିତ ହୁଅନ୍ତି। କିନ୍ତୁ ମେଢ ତିଆରି କରିଥିବା କାରିଗରମାନଙ୍କ ସମ୍ପର୍କରେ କିଏ ଭାବିଛନ୍ତି କି? କେମିତି ପ୍ରସ୍ତୁତ କରନ୍ତି ମେଢ, କ'ଣ ଥାଏ ତାଙ୍କର ଜୀବନଶୈଳୀ। ସେମିତି କେତେଜଣ ସଫଳ ମେଢ କାରିଗରଙ୍କ ସମ୍ପର୍କରେ ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗରୁ ପଢି ଖୁସି ଲାଗିଲା। 'ଶରୀରରେ ଯଦି ଏହି ବ୍ୟତିକ୍ରମ ଥାଏ' ପାଠଟିରୁ ଅନେକ କିଛି ଶିଖିବାକୁ ମିଳିଲା। ସେହିପରି 'ବିଲେଇଙ୍କ ଫ୍ୟାଶନ ଶୋ' ପାଠଟି ବି ଭାରି ମଜାଳିଆ ଲାଗୁଥିଲା।

*–ପ୍ରଣତି ସେଠୀ, ସାତଶଙ୍ଖ, ପୁରୀ*

● ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ମେଢ କାରିଗର' ଏକ ଉପାଦେୟ ଆଲେଖ୍ୟ ଥିଲା। ପ୍ରକୃତରେ ମେଢର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ଦିଗରେ ଏହି କାରିଗରମାନଙ୍କର ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ତେଣୁ ସେମାନଙ୍କର କଳା ଓ ପରିଶ୍ରମକୁ ଲେଖା ମାଧ୍ୟମରେ ପରିପ୍ରକାଶ କରିବାକୁ ଛୁଟିଦିନର ଏହି ପ୍ରୟାସଟି ସ୍ୱାଗତଯୋଗ୍ୟ। 'ବଲିଉଡ୍ ଡିଭାଙ୍କ ହ୍ୟାଣ୍ଡବ୍ୟାଗ୍' ପାଠଟିରୁ ଅନେକ ଦାମୀ ବ୍ୟାଗ୍ ସମ୍ପର୍କରେ ଜାଣିହେଲା। ସେହିପରି ବ୍ୟକ୍ତିତ୍ୱ ପୃଷ୍ଠାରୁ ସାହିତ୍ୟିକା କାରସନ୍ ମାକ୍‌କୁଲର୍ସଙ୍କ ବିଷୟରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା।

*–ସୁଶାନ୍ତ ମିଶ୍ର, ରାଣୀହାଟ, କଟକ*

● ସୃଜନ ପୃଷ୍ଠାରେ ସ୍ଥାନିତ 'ପ୍ରଶଂସା' ନାମକ ଗପଟି ମୋ ମନ କିଣିନେଲା। ସେହିପରି ସିନେମା ପୃଷ୍ଠାରୁ ପ୍ରଭାସ–ଶ୍ରଦ୍ଧାଙ୍କ ଯୋଡି ଫଟୋଟି ବେଶ୍ ଆକର୍ଷଣୀୟ ଲାଗୁଥିଲା। ଅନ୍ୟପକ୍ଷେ 'ଆଲିୟାଙ୍କ ନୀରବତା', 'ଆଶାରେ କାର୍ତ୍ତିକ', 'ଯାହାକୁ ଡରୁଥିଲେ ଶ୍ରଦ୍ଧା', 'ଚ୍ୟାଲେଞ୍ଜ ଦେବେ ବିଶ୍ୱରୂପ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବି ଖୁବ୍ ସୁନ୍ଦର ହୋଇଥିଲା।

*– କଳ୍ପନା ପଟ୍ଟନାୟକ, ବିଞ୍ଝାରପୁର, ଯାଜପୁର*

● ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତଥା ଶିକ୍ଷାବିତ୍ ଡ.ସୁରେନ୍ଦ୍ର ନାଥ ଦାଶଙ୍କ ରୋଜଗାର ସମ୍ପର୍କିତ ଲେଖାଟି ଖୁବ୍ ମନଛୁଆଁ ହୋଇଥିଲା। ସେହିପରି 'କଲର୍‌ଫୁଲ୍ ସ୍ନିକର୍ସ' ପାଠଟିରୁ ଅନେକ କିଛି ଶିକ୍ଷଣୀୟ କଥା ଜାଣିହେଲା। ମଡେଲ୍ ମିରର୍‌ରେ ଦେବୀ ବେଶ୍ ସୁନ୍ଦରୀ ଦେଖାଯାଉଥିଲେ। ସେହିପରି ସହର ପୃଷ୍ଠାରୁ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା 'ଅରିତାର' ସମ୍ପର୍କରେ ମଧ୍ୟ ଅନେକ କିଛି ଜାଣିହେଲା।

*–ରମାକାନ୍ତ ଦାସ, ବିରିଡି, ଜଗତ୍‌ସିଂହପୁର*

● ବିବିଧା ପୃଷ୍ଠାରେ ସ୍ଥାନିତ 'ୱାଟରୀ ହ୍ୱିଲ୍‌ଚେୟାର୍' ଏବଂ ବ୍ୟାକ୍‌ପେଜ୍‌ରେ ସ୍ଥାନିତ 'ଲମ୍ବା ଜିଭ ଥିବା ଶିଶୁ', 'ବିଲେଇ ପିନ୍ଧୁଛନ୍ତି ନିଜ ଲୋମରେ ତିଆରି କ୍ୟାପ୍' ଏବଂ 'ଏକାକୀ ମହିଳାଙ୍କ ଭରସା ରାଜି ଆକ୍କା' ଆଦି ପାଠଗୁଡ଼ିକ ବେଶ୍ ଆଶ୍ଚର୍ଯ୍ୟକର ଲାଗୁଥିଲା। କାର୍ଟୁନ କର୍ନର ବି ବେଶ୍ ମଜାଳିଆ ଥିଲା।

*–ସୋନାଲିକା ସ୍ୱାଇଁ, ବକ୍ସି ବଜାର, କଟକ*

## ବିଶେଷ ଚିଠି



ଧରିତ୍ରୀର ଛୁଟିଦିନ ବଢ଼ିଆ
ଯେତେ ପଢିଲେ ବି ଲାଗଇ ନୂଆ
ପରିଚ୍ଛେଦ ତା'ର ରଙ୍ଗ ରଙ୍ଗିଆ
ସାଥୀର ଉତ୍ତର କୌତୁକିଆ।
ସୃଜନରେ ଗପ, କବିତା ମନଛୁଆଁ
ଆ' ସାଥୀ ଥରେ ପଢିକି ଯା'
ଆମ ମେଢ କାରିଗରି ଭାରି ବଢ଼ିଆ
ସମସ୍ତଙ୍କୁ ସିଏ କଲା କିମିଆ।

*–ଶରତ କୁମାର ଚଉଁରୀ, ମଙ୍ଗଳପୁର, ପିପିଲି, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# ଅକ୍ଷତ

**ପୂଜା ପାର୍ବଣ ସମୟରେ ଯାହା ସବୁଠୁ ଆବଶ୍ୟକ ତାହା ହେଉଛି ତିଳତଣ୍ଡୁଳ। ତିଳ ତଣ୍ଡୁଳ ବିନା ହିନ୍ଦୁ ଧର୍ମାବଲମ୍ବୀଙ୍କ ପୂଜା ଆରାଧନାର କୌଣସି ମାନେ ରହେନାହିଁ। ବ୍ରାହ୍ମଣ, ପୂଜକ ତଥା ପୁରୋହିତ ସର୍ବପ୍ରଥମେ ଯଜମାନଙ୍କୁ ଯାହା ବରାଦ କରିଥାନ୍ତି ତାହା ହେଉଛି ତଣ୍ଡୁଳ। ଅର୍ଥାତ୍ ଚାଉଳ।**

ଏବେ ଆରମ୍ଭ ହୋଇଯାଇଛି ପୂଜା ଆଉ ପାର୍ବଣର ଋତୁ। ହିନ୍ଦୁ ଧର୍ମାବଲମ୍ବୀଙ୍କ ବିଶ୍ୱାସ ଅନୁଯାୟୀ ଏବେ ହେଉଛି ଦେବୀ ଦେବତାଙ୍କର ଧରାପୃଷ୍ଠକୁ ଓହ୍ଲେଇ ଆସିବାର ସମୟ। ଜନ୍ମାଷ୍ଟମୀ ବା କୃଷ୍ଣଜନ୍ମରୁ ଆରମ୍ଭ ହୋଇଥାଏ ଏହି ଧାରା। ଆଉ ପୂଜା ପାର୍ବଣ ସମୟରେ ଯାହା ସବୁଠୁ ଆବଶ୍ୟକ ତାହା ହେଉଛି ତିଳତଣ୍ଡୁଳ। ତିଳ ତଣ୍ଡୁଳ ବିନା ହିନ୍ଦୁ ଧର୍ମାବଲମ୍ବୀଙ୍କ ପୂଜା ଆରାଧନାର କୌଣସି ମାନେ ରହେନାହିଁ। ବ୍ରାହ୍ମଣ, ପୂଜକ ତଥା ପୁରୋହିତ ସର୍ବପ୍ରଥମେ ଯଜମାନଙ୍କୁ ଯାହା ବରାଦ କରିଥାନ୍ତି ତାହା ହେଉଛି ତଣ୍ଡୁଳ। ଅର୍ଥାତ୍ ଚାଉଳ। ଏ ଚାଉଳ ପୁଣି ଯାହିତାହି ଚାଉଳ ନୁହେଁ; ଅକ୍ଷତ। ଅକ୍ଷତର ଅର୍ଥ ହେଉଛି ଯାହା ଦେହରେ କ୍ଷତ ଲାଗି ନ ଥାଏ। ଯାହା ସ୍ୱୟଂ ସମ୍ପୂର୍ଣ୍ଣ ଥାଏ। ଯାହା ପବିତ୍ର ହୋଇ ରହିଥାଏ। ସେହି ଅକ୍ଷତକୁ କୁହାଯାଏ ଅରୁଆ ଚାଉଳ। ଆଞ୍ଚଳିକ ଭାଷାରେ କୌଣସି କୌଣସି ସ୍ଥାନରେ 'ଉଆ' ଚାଉଳ ବୋଲି ମଧ୍ୟ କୁହାଯାଇଥାଏ। ପୂଜା ପାର୍ବଣ ହେଉ କି ବାହାଘର ବ୍ରତଘର, ପିଣ୍ଡଦାନ ହେଉ କି ସାତ୍ତ୍ୱିକ ଭୋଜନ – ଅକ୍ଷତ ବା ଅରୁଆ ଚାଉଳ ବିନା ସବୁକିଛି ଅସମ୍ଭବ। ସେଥିପାଇଁ ବୈଦିକ ପରମ୍ପରାକୁ ସବୁଠାରୁ ଗୁରୁତ୍ୱ ଦେଉଥିବା ହିନ୍ଦୁମାନଙ୍କ ପାଇଁ ଏହି ଅକ୍ଷତ ବା ଅରୁଆ ଚାଉଳର ରହିଛି ଏକ ସ୍ୱତନ୍ତ୍ର ଭୂମିକା। ତଥ୍ୟ ଅନୁଯାୟୀ ଅକ୍ଷତ ବା ଅରୁଆ ଚାଉଳ ହେଉଛି ସମ୍ପନ୍ନତା ତଥା ସମ୍ପୂର୍ଣ୍ଣତାର ପ୍ରତୀକ। ସମ୍ଭବତଃ ସେଇଥିଲାଗି କୌଣସି ମାଙ୍ଗଳିକ କାର୍ଯ୍ୟ ଆରମ୍ଭ ପୂର୍ବରୁ ବ୍ରାହ୍ମଣ–ଭଗବାନ ଅରୁଆ ଚାଉଳରେ ମଣ୍ଡଳ ସୃଷ୍ଟିକରି ସେଥିରେ ସ୍ୱସ୍ତିକ ଚିହ୍ନ ଅଙ୍କନ କରିଥାନ୍ତି।

**କୁଳଦେବତା ତୁଷ୍ଟ ହୁଅନ୍ତି :** ବହୁ ଶାସ୍ତ୍ର ପୁରାଣରେ ମଧ୍ୟ ଅକ୍ଷତର ବର୍ଣ୍ଣନା ରହିଛି। ପ୍ରତ୍ୟେକଙ୍କ କୁଳ ବା ବଂଶକୁ ଜଣେ ଜଣେ ଦେବତାଙ୍କ ନାମରେ ସମର୍ପଣ କରାଯାଇଛି। ତାଙ୍କୁ କୁଳଦେବତା ବୋଲି କୁହାଯାଏ। ଆଉ ଅକ୍ଷତରେ ଆରାଧନା କଲେ କୁଳଦେବତା ତୁଷ୍ଟ ବା ସନ୍ତୁଷ୍ଟ ହୋଇଥାନ୍ତି। ଫଳରେ ଗୃହସ୍ଥଙ୍କୁ ଆଉ କୌଣସି ସଙ୍କଟକୁ ସାମ୍ନା କରିବାକୁ ପଡ଼େନାହିଁ। ସେତିକିନୁହେଁ, ଅନେକ ସ୍ଥାନରେ ଏମିତି ଏକ ପରମ୍ପରା ରହିଛି ଯେ, ନୂଆବୋହୂ ଗୃହ ପ୍ରବେଶ କରିବା ପୂର୍ବରୁ ଘରର ଚାରିଆଡ଼େ ଅରୁଆ ଚାଉଳ ବୁଣିଥାଏ। ପୁଣି କେତେକ ସ୍ଥାନରେ ଅକ୍ଷତ କଳସକୁ ଗୋଡ଼ରେ ଗଡ଼େଇ ସେ ପ୍ରଥମ ପାଦ ଶାଶୁଘରେ ରଖିଥାଏ। ଏହାର ତାତ୍ପର୍ଯ୍ୟ ହେଉଛି ଅକ୍ଷତ ଭଳି ତା'ର ଦାମ୍ପତ୍ୟ ଅକ୍ଷୁଣ୍ଣ ରହୁ ଆଉ ଘରେ ସୁଖଶାନ୍ତି ଭରିଉଠୁ।

**ଦୁଷ୍ଟାତ୍ମାଙ୍କ କବଳରୁ ରକ୍ଷାକରେ ଅକ୍ଷତ :** ତନ୍ତ୍ର ବିଜ୍ଞାନରେ ଅକ୍ଷତର ବହୁଳ ବ୍ୟବହାର ହେଉଥିବା ଦେଖାଯାଏ। କୁହାଯାଏ, ଅକ୍ଷତ ଯେଉଁଠି ଥାଏ ସେଠାରେ ଦୁଷ୍ଟାତ୍ମା କୌଣସି ଅଘଟଣ ଘଟେଇ ପାରନ୍ତି ନାହିଁ। ସେମାନଙ୍କର ଦୁଷ୍ଟଶକ୍ତି ହ୍ରାସ ପାଇଥାଏ। ସେଥିଲାଗି ଝଡ଼ାଫୁଙ୍କା କରିବା ହେଉକି ତନ୍ତ୍ରସାଧନା କରିବା ହେଉ – ସାଧକମାନେ ଅକ୍ଷତର →



ପ୍ରୟୋଗ କରିଥାନ୍ତି। ସେତିକିନୁହେଁ, ଶବକୁ ଶ୍ମଶାନକୁ ନେଇ ଯିବା ବେଳେ ମଧ୍ୟ ଅନେକ ସ୍ଥାନରେ ଅକ୍ଷତ ଚାଉଳ ବୁଣାଯାଇଥାଏ। ଏହାପଛରେ ଥିବା ଉଦ୍ଦେଶ୍ୟ ହେଉଛି କୌଣସି ଅମଙ୍ଗଳ ଘଟିବାରୁ ଉଦ୍ଧାର ପାଇବା।

**ଷାଠିଏ ପଉଟି ଭୋଗ :** ବଡ ଠାକୁର ଜଗନ୍ନାଥଙ୍କ ନୀତିକାନ୍ତି ଓ ଭୋଗରାଗ ବେଶ ଲମ୍ବା । ନାଲି ମାଟିର କୁଡୁଆରେ ଜଗନ୍ନାଥଙ୍କ ରୋଷଘରର ନିଆଁରେ ପ୍ରତିଦିନ ୬୦ ପଉଟି ଅବଢା ସହିତ ୫୬ ଭୋଗ ପ୍ରସ୍ତୁତ ହୁଏ । ଭଜନ ସମ୍ରାଟ ଭିକାରୀ ବଳଙ୍କ ଭାବବିହ୍ୱଳ ଭକ୍ତି ସଙ୍ଗୀତ ୬୦ ପଉଟି ଭୋଗରୁ ତୁମର କାଢିତ ନେଇନି ହରି/କୁହ ତେବେ କେଉଁ ଅପରାଧେ ମୋତେ କଲ ଦାଣ୍ଡର ଭିକାରି । ଜଗନ୍ନାଥଙ୍କ ଜମିରୁ ପ୍ରସ୍ତୁତ ଅରୁଆ ଚାଉଳରୁ ଅବଢା ପ୍ରସ୍ତୁତି କେଉଁକାଳରୁ ହୋଇଆସୁଛି । ଅବଢା ଠାକୁରଙ୍କ ନିକଟରେ ଭୋଗ ଲାଗିବା ପରେ ଏଥିରୁ ବାସନା ଚହଟି ଉଠେ। କି ଶୀତ କି ବରଷା ବର୍ଷ ତମାମ ପ୍ରତିଦିନ ରାତିରେ ଆରଡିର ଆଖଣ୍ଡଳମଣିଙ୍କ ନିକଟରେ ଦହି ପଖାଳ ଭୋଗ ଲାଗିଥାଏ । ନରେନ୍ଦ୍ରପୁରର ପାଟଣମଙ୍ଗଳା ପୀଠରେ ଦୈନିକ ରାତିରେ ଖିରି ପିଠା ଭୋଗ ଲାଗିହୁଏ। ଏ ସବୁ କାର୍ଯ୍ୟରେ ମୁଖ୍ୟ ଉପାଦାନ ହେଉଛି ଅକ୍ଷତ ବା ଅରୁଆ ଚାଉଳ।

**ବାସୁମତୀର ବାସ :** ବାସୁମତୀ, ଲୀଳାବତୀ ପରି ସୁଗନ୍ଧି ଚାଉଳରୁ ଖିରି ଓ ପାଏସ୍ ପ୍ରସ୍ତୁତ ହୁଏ। ଓଡ଼ିଶାର ଉପକୂଳବର୍ତ୍ତୀ ସାମୁଦ୍ରିକ ଲୁଣାପାଣି ମାଡୁଥିବା ଅଞ୍ଚଳରେ ବାସୁମତୀ ଧାନ ଚାଷ ହୁଏ। ଅନ୍ୟ ଧାନ ତୁଳନାରେ କମ୍ ଅମଳ ପାଇଁ ଚାଷୀମାନେ ଏଥିପ୍ରତି ଆଗ୍ରହ ପ୍ରକାଶ କରୁ ନାହାନ୍ତି। ମୁଖ୍ୟତଃ ବାସୁମତୀ ଅରୁଆ ଚାଉଳ ରାଜ୍ୟ ବାହାରକୁ ରପ୍ତାନି କରାଯାଏ। ପୂର୍ବରୁଢିଙ୍କିସାହାଯ୍ୟରେଧାନକୁକୁଟିଚାଉଳପ୍ରସ୍ତୁତକରାଯାଉଥିଲା।ଏବେ ବୈଜ୍ଞାନିକପଦ୍ଧତିରେରାଇସ୍‌ମିଲ୍‌ରେଅରୁଆଚାଉଳଅମଳହୋଇପାରୁଛି। ଏହାକୁ ଭଲ ଭାବରେ ପାଛୋଡି ପଲିଥିନ୍ ବ୍ୟାଗରେ ପ୍ୟାକିଂ ହୋଇଥାଏ। ସ୍ୱୟଂ ସହାୟିକା ଗୋଷ୍ଠୀ ଓ ମହିଳାମଣ୍ଡଳର ସଭ୍ୟାମାନେ ଏହି ପ୍ୟାକିଂ କାମରେ ଲାଗିଥାନ୍ତି । ଅରୁଆ ଚାଉଳ, ଅଠା, ରଙ୍ଗ, ତୂଳୀ ଓ କାଗଜ ସାହାଯ୍ୟରେ ଗ୍ରାମାଞ୍ଚଳରେ କାରିଗରମାନେ ଦେବୀ ଦେବତାଙ୍କ ମୁଖା ପ୍ରସ୍ତୁତ କରି ବ୍ୟବସାୟ କରନ୍ତି। ଏହା ଘର ସାଜସଜ୍ଜାରେ ମଧ୍ୟ ବ୍ୟବହାର ହୁଏ।

**ବିବାହ, ବ୍ରତ, ଯଜ୍ଞ କର୍ମକାଣ୍ଡ :** ବିବାହ, ବ୍ରତ, ଯଜ୍ଞ କର୍ମକାଣ୍ଡ ଆଦି କର୍ମରେ କଦଳୀପତ୍ର ଉପରେ ଅରୁଆ ଚାଉଳ, ଗୋଟାଗୁଆ, ଖଣ୍ଡ ହଳଦୀ ଓ ରଙ୍ଗବେରଙ୍ଗ ଅବିରରେ ସାବିତ୍ରୀ, ବ୍ରହ୍ମା, ନବଗ୍ରହ, ଦଶଦିଗପାଳ, ଅଷ୍ଟାଦଶ ମଣ୍ଡଳ ସହିତ ଅନ୍ୟ ମଣ୍ଡଳ ତିଆରି ହୁଏ। ଦୁବ ପତ୍ର, ବରକୋଳି ପତ୍ର, ଫୁଲ ଓ ଅରୁଆ ଚାଉଳରେ ଦେବୀ ଦେବତାଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରାଯାଏ । ପୂଜାକର୍ମରେ ସ୍ଥଳ ବିଶେଷରେ ଫୁଲ ଅଭାବରେ ଅରୁଆ ଚାଉଳକୁ ମଧ୍ୟ ବ୍ୟବହାର କରାଯାଏ। ସତ୍ୟନାରାୟଣ ପୂଜାରେ ପ୍ରସ୍ତୁତ ଶିରଣିରେ ଅରୁଆ ଚାଉଳର ଗୁଣ୍ଡ ବା ଚୂନା ବ୍ୟବହାର ହୁଏ। ସେତିକିନୁହେଁ, ବ୍ରାହ୍ମଣ ଦେବତାଙ୍କୁ ସାଞ୍ଚା ଭାବରେ ମଧ୍ୟ ଅରୁଆ ଚାଉଳ ଏବଂ ପରିବା ପ୍ରଦାନ କରାଯାଏ। ପୂଜା ଶେଷରେ ପୁରୋହିତ ଗୃହର ଯଜମାନଙ୍କୁ ଗୋଟିଏ ସ୍ଥାନରେ ବସେଇ ମନ୍ତ୍ରପୂତ ଅରୁଆ ଚାଉଳ ମୁଣ୍ଡ ଉପରେ ପକେଇ ଆଶୀର୍ବାଦ କରିଥାନ୍ତି। ଏସବୁ ଦେଖିଲେ ଲାଗେ ସତେ ଅବା ଅରୁଆ ଚାଉଳ ବା ଅକ୍ଷତ ଯେମିତି ଆମ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟି ଯାଇଛି।







**ସୂର୍ଯ୍ୟପୂଜା ଓ ମକର ଚାଉଳ :** ମକର ସଂକ୍ରାନ୍ତି ଆମ ମହାଭାରତୀୟ ସଂସ୍କୃତିର ଏକ ଅଂଶବିଶେଷ। ଏହି ଦିନ ସୂର୍ଯ୍ୟପୂଜା କରାଯାଇଥାଏ। ସୂର୍ଯ୍ୟଙ୍କର ଗତି ପଥରେ ପରିବର୍ତ୍ତନ ଘଟିଥାଏ। ତେଣୁ ହିନ୍ଦୁ ଧର୍ମାବଲମ୍ବୀଙ୍କ ମତରେ ସମଗ୍ର ମାନବ ଜାତି ପାଇଁ ଏହି ଦିନଟି ଅତି ମହତ୍ତ୍ୱ ରଖିଥାଏ। ତଥ୍ୟ ଅନୁଯାୟୀ ଏହି ଦିନଠାରୁ ସୂର୍ଯ୍ୟ ଉତ୍ତରାୟଣ ହୋଇ ଥାଆନ୍ତି। ବିଭିନ୍ନ ଦେବଦେବୀ ପୀଠରେ ମକର ମେଳା ଅନୁଷ୍ଠିତ ହୁଏ। ଏହି ଦିନର ଆଉ ଏକ ବିଶେଷତ୍ୱ ହେଉଛି ମକର ଚାଉଳ ଖାଇବା। ବ୍ରାହ୍ମଣ ଘରର ପିଲାମାନେ ସ୍ୱତନ୍ତ୍ର ଭାବରେ ଅରୁଆ ଚାଉଳ, କଦଳୀ, ଗୁଡ଼ ଆଦିକୁ ମିଶ୍ରଣ କରି ଏକପ୍ରକାର ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କରିଥାନ୍ତି; ଯାହାକୁ କୁହାଯାଏ 'ମକର ଚାଉଳ'। ଏହାକୁ ସେମାନେ ଘର ଘର ବୁଲି ବଣ୍ଟନ କରିଥାନ୍ତି। ସ୍ୱାସ୍ଥ୍ୟ ବିଜ୍ଞାନ ଅନୁଯାୟୀ ଏହି ଚାଉଳର ବେଶ୍ ସ୍ୱାସ୍ଥ୍ୟଗତ ଦିଗ ମଧ୍ୟ ରହିଛି। ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକରେ ରହିଛି ମା' ଧାମରାଇଙ୍କ ପୀଠ। ଏହି ପୀଠରେ ପ୍ରତିବର୍ଷ ହେଉଥିବା ମକର ମେଳା ବେଶ୍ ପ୍ରସିଦ୍ଧ । ଦେବୀଙ୍କ ନିକଟରେ ମକର ଚାଉଳ ଭୋଗହୁଏ । ଅରୁଆ ଚାଉଳ ଚୂନା ସହ ସହିତ କଦଳୀ, ନଡ଼ିଆ, ଗୋଲମରିଚ, ଗୁଡ଼, ପୋଡପିଠା ଆଦି ପକାଇ ସ୍ୱାଦିଷ୍ଟ ମକର ଚାଉଳ



ପ୍ରସ୍ତୁତ ହୁଏ । ରାଜ୍ୟର କେତେକ ପ୍ରାଚୀନ ମଠ ମନ୍ଦିରରେ ଡାଲି, ଚାଉଳ, ପନିପରିବା, ଘିଅ ଓ ମସଲା ମିଶ୍ରିତ ଖେଚୁଡ଼ି ଭୋଗ ଏବେ ମଧ୍ୟ ପ୍ରଚଳିତ।

**କାକରା ପିଠା ଆହାକି ମିଠା :** ଚାଷୀମାନେ ବର୍ଷ ତମାମ ବିଭିନ୍ନ ପର୍ବ ପାଳନ କରନ୍ତି । ମକର ସଂକ୍ରାନ୍ତି, ବଉଳ ଅମାବାସ୍ୟା, ଚିତାଲାଗି ଅମାବାସ୍ୟା, ବଳଭଦ୍ର ଜନ୍ମ ବା ଗହ୍ମା ପୂର୍ଣ୍ଣିମୀ, ନୂଆଖାଇ, ପ୍ରଥମାଷ୍ଟମୀ ଆଦିକୁ ଚାଷୀର ପର୍ବ ଭାବରେ ବିବେଚନା କରାଯାଏ। ଏହି ଅବସରରେ ପିଠା, ଖିରି ଆଦି ପ୍ରସ୍ତୁତ ହୋଇ ଭୋଗ ଲାଗିଥାଏ । ଏ ସବୁ ହୋଇଥାଏ ଅରୁଆ ଚାଉଳରେ। ଗହ୍ମା ପୂର୍ଣ୍ଣମୀ ଓ ଜନ୍ମାଷ୍ଟମୀରେ ପିଠା, କ୍ଷେତବଢ଼ାରେ ମୁଢ଼ିମୁଆଁ ଭୋଗ ଓ ଖଳା ଶେଷରେ ଖିରି ଭୋଗ ଲାଗିହୁଏ। ବଉଳ ଅମାବାସ୍ୟାରେ ଆମ୍ବ ଓ ନଡ଼ିଆ ଗଛ ମୂଳରେ ବଉଳ ଗୋଡ଼ିପିଠା ଲାଗିଥାଏ। ଚିତାଲାଗି ଅମାବାସ୍ୟାରେ ଗେଣ୍ଡା ଶାମୁକାଙ୍କ ଲାଗି ନଦୀ, ପୋଖରୀ ଓ ଜଳାଶୟରେ ପିଠା ଦାନ କରାଯାଏ। ଅରୁଆ ଚାଉଳର ଚୂନାରୁ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ପିଠା ପ୍ରସ୍ତୁତ ହୁଏ। ବିଭିନ୍ନ ପୂଜାପର୍ବ, ବିବାହ ବ୍ରତରେ ଅରୁଆ ଚାଉଳ ଗୁଣ୍ଡରୁ ଝୋଟି ପକାଯାଏ । ମାଣବସା ଗୁରୁବାର ଓ ସୁଦଶା ବ୍ରତରେ ଲକ୍ଷ୍ମୀପାଦ ମଧ୍ୟ ଅଙ୍କନ କରାଯାଏ। ନୂଆଖାଇରେ ଦେବୀଙ୍କ ନିକଟରେ ଯେଉଁ ନବାନ୍ନ ଭୋଗ ଲାଗି ହୋଇଥାଏ ତାହା ଏହି ଅରୁଆ ଚାଉଳରୁ ହିଁ ପ୍ରସ୍ତୁତ ହୋଇଥାଏ।

**ଅକ୍ଷତ, ଅକ୍ଷୟ ପାତ୍ର ଓ ଋଷି ଦୁର୍ବାସା :** ଏହା ହେଉଛି ମହାଭାରତର ପାଣ୍ଡବମାନଙ୍କ ବନବାସ ସମୟର କଥା । ଦ୍ରୌପଦୀ ପ୍ରତ୍ୟେକ ଦିନ ଏକ ଅକ୍ଷୟ ପାତ୍ରରେ ରୋଷେଇ କରିଥାନ୍ତି। କଥାଥାଏ ଦ୍ରୌପଦୀ ଖାଇ ନ ଥିବା ପର୍ଯ୍ୟନ୍ତ ସେହି ଅକ୍ଷୟ ପାତ୍ରରୁ ଖାଦ୍ୟ କେବେ ଶେଷ ହେବନାହିଁ। ମାତ୍ର ଥରେ ଦ୍ରୌପଦୀ ଖାଇ ସାରିବା ପରେ ସେଥିରୁ ଆଉ ଖାଦ୍ୟ ମିଳିବ ନାହିଁ। ଦୁର୍ଯ୍ୟୋଧନ ଏହା ଜାଣି ଋଷି ଦୁର୍ବାସାଙ୍କୁ ପାଣ୍ଡବଙ୍କ ନିକଟକୁ ପଠେଇଲା। ଉଦ୍ଦେଶ୍ୟ ଥିଲା ଦ୍ରୌପଦୀ ଖାଇ ସାରିବା ପରେ ଆଉ ତ ଅକ୍ଷୟ ପାତ୍ରରୁ ଖାଦ୍ୟ ବାହାରିବନି। ଫଳରେ ପାଣ୍ଡବମାନେ ଦୁର୍ବାସାଙ୍କୁ ଖାଇବାକୁ ଦେଇପାରିବେ ନାହିଁ। ଫଳରେ ଦୁର୍ବାସା ସେମାନଙ୍କୁ ଅଭିଶାପ ଦେବେ। ଦୁର୍ବାସା ତାଙ୍କ ଲକ୍ଷାଧିକ ଶିଷ୍ୟଙ୍କୁ ଧରି ଆସି ପାଣ୍ଡବମାନଙ୍କୁ ଖାଇବାକୁ ମାଗିଲେ। ଦ୍ରୌପଦୀ ସେତେବେଳକୁ ଖାଇ ସାରି ପାତ୍ର ମାଜିଲେଣି। ପାଣ୍ଡବମାନେ ଉପାୟ ନ ପାଇ ସଖା କୃଷ୍ଣଙ୍କୁ ଚିନ୍ତାକଲେ। କୃଷ୍ଣ ଆସି ଦ୍ରୌପଦୀଙ୍କୁ କହିଲେ ଯେ, ଅକ୍ଷୟ ପାତ୍ର ଆଣି ତାଙ୍କୁ ଦେବା ପାଇଁ। ଦ୍ରୌପଦୀ ତାହା ହିଁ କଲେ। ସେହି ଅକ୍ଷୟ ପାତ୍ରର ଗୋଟିଏ କୋଣରେ 'ଅକ୍ଷତର ତଣ୍ଡୁଳ କଣା'ଟିଏ ଲାଗି ରହିଥିଲା। କୃଷ୍ଣ ତାହାକୁ ଭକ୍ଷଣ କରି ତୃପ୍ତ ହୋଇଗଲେ। ଭଗବାନ ଯେତେବେଳେ ତୃପ୍ତ ହୋଇଗଲେ ସେତେବେଳେ ଦୁର୍ବାସା ତଥା ତାଙ୍କର ଶିଷ୍ୟମାନଙ୍କର ମଧ୍ୟ ପେଟ ପୂରିଗଲା। ସେମାନେ ଆତ୍ମସନ୍ତୋଷର ସହିତ ଫେରିଗଲେ।

**ଗରମ ଯାଉ ପାଖେଇ ପାଖେଇ ଖାଉ :** ମୁଖ୍ୟତଃ କୃଷି ଉପରେ ନିର୍ଭରଶୀଳ ଓଡ଼ିଶାର ଜନସାଧାରଣଙ୍କୁ ଅନେକ ସମୟରେ ଦାରିଦ୍ର୍ୟକୁ ସାମ୍ନା କରିବାକୁ ପଡୁଥିଲା। ସେଥିଲାଗି ନଥିଲା ଘରର ଲୋକମାନେ ଯାଉଖାଇ ନିଜର ପେଟ ଭୋକ ମେଣ୍ଟାଉଥିଲେ। ଅକାଣ୍ଡିଆ ଅରୁଆ ଚାଉଳକୁ ଫୁଟେଇ







ପ୍ରସ୍ତୁତ ହୁଏ 'ଯାଉ'। ଏହା ଖାଇବାକୁ ସ୍ୱାଦୁକର ଓ ପୁଷ୍ଟିକର । କମ୍ ସମୟରେ ମଧ୍ୟ ଏହା ପ୍ରସ୍ତୁତ ହୋଇ ପାରିଥାଏ। ଏହି ଯାଉକୁ ନେଇ ଏକ ସୁନ୍ଦର କିମ୍ବଦନ୍ତୀ ଶୁଣିବାକୁ ମିଳେ। କିମ୍ବଦନ୍ତୀଟି କୋଣାର୍କ ମନ୍ଦିର ସହିତ ମଧ୍ୟ ଜଡ଼ିତ। ଲାଙ୍ଗୁଳା ନରସିଂହ ଦେବଙ୍କ ମନ୍ତ୍ରୀ ଶିବେଇ ସାଁନ୍ତରା ଚନ୍ଦ୍ରଭାଗା ନଦୀ କୂଳରେ କୋଣାର୍କ ମନ୍ଦିର ଭିତ୍ତି ସ୍ଥାପନ ବେଳେ ଅଡୁଆରେ ପଡ଼ିଲେ । କୁହାଯାଏ, କାକଟପୁରର ମା' ମଙ୍ଗଳା ତାଙ୍କୁ 'ଗରମ ଯାଉ ପାଖେଇ ପାଖେଇ ଖାଉ' ଉପାଖ୍ୟାନ କହି ନଦୀରେ ମନ୍ଦିରର ଭିତ୍ତି କିପରି ସ୍ଥାପନ କରିବେ ଓ ପଥର କିପରି ପକାଇବେ ତାହା ବୁଝାଇ ଦେଇଥିଲେ।

ଏମିତି ଖୋଜିଲେ ଅରୁଆ ଚାଉଳ ବା ଅକ୍ଷତକୁ ନେଇ ଅନେକ କଥା ରହିଛି। ତେବେ ମୋଟାମୋଟି ଭାବରେ ଏତିକି କୁହାଯାଇପାରିବ ଯେ, ଅକ୍ଷତ ଆମର ସଂସ୍କୃତି, ପରମ୍ପରା, ଜନଜୀବନ ସହିତ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ।

—ଅଶୋକ ପଣ୍ଡା



# ଟି ଲେଙ୍ଗ୍‌ଥ ଡ୍ରେସ୍

***ଯେଉଁ ଡ୍ରେସ୍‌ର ଲମ୍ବା ଆଣ୍ଠୁ ତଳକୁ, ହେଲେ ଗୋଇଠି ଉପରକୁ ରହିଥାଏ, ତାକୁ ଟି ଲେଙ୍ଗ୍‌ଥ ଡ୍ରେସ୍ କୁହାଯାଏ। ଏହି ଡ୍ରେସ୍‌କୁ ପିନ୍ଧିଲେ କମ୍ଫଟେବଲ ଲାଗିବା ସହ କ୍ଲାସି ଲୁକ୍ ମଧ୍ୟ ମିଳିଥାଏ। ଖାସ୍ ସେଇଥିପାଇଁ ସାଧାରଣ ଯୁବତୀଙ୍କଠୁ ଆରମ୍ଭ କରି ବଲିଉଡ୍ ଡିଭାଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ଡ୍ରେସ୍‌ର ମାୟାରେ ପଡିଥିବା ଲକ୍ଷ୍ୟ କରାଯାଏ...***

ଟି ଲେଙ୍ଗ୍‌ଥ ଏମିତି ଏକ ଡ୍ରେସ୍, ଯାହାର ଲମ୍ୱା ସାଧାରଣତଃ ଆଣ୍ଠୁ ତଳକୁ ହେଲେ ଗୋଇଠି ଉପରକୁ ରହିଥାଏ। ଏହାର ଅନେକ ସ୍ୱତନ୍ତ୍ରତା ରହିଛି, ଫଳରେ ଏହି ଡ୍ରେସ୍‌ର ଟ୍ରେଣ୍ଡ ଏବେ ଖୁବ୍ ଚାଲିଛି। ବିଶେଷ କରି ଏହାର ଏକ ଭଲ ଗୁଣ ହେଲା, ଏହା ନା ବେଶି ଓପନ୍ ହୋଇଥାଏ ନା ଶରୀରକୁ ସମ୍ପୂର୍ଣ୍ଣ କଭର୍ କରିକି ରଖିଥାଏ। ତା'ଛଡ଼ା ଏହି ଡ୍ରେସ୍‌ର ଲମ୍ୱା ଗୋଇଠି ଉପରକୁ ରହୁଥିବାରୁ ଏହାର ତଳଭାଗରେ ସହଜରେ ମଇଳା ଲାଗେ ନାହିଁ। ଫଳରେ ଏହାକୁ ପିନ୍ଧିଲେ କମ୍ଫଟେବୁଲ ଲାଗିବା ସହ କ୍ଲାସି ଲୁକ୍ ମିଳିଥାଏ। ଏପରିକି ବର୍ଷାଦିନେ ବି ଚାହିଁଲେ ଏହାକୁ ଆରାମରେ ପିନ୍ଧିହୁଏ। ଖାସ୍ ଏହିସବୁ କାରଣ ପାଇଁ ବଲିଉଡ୍ ଡିଭାମାନଙ୍କୁ ମଧ୍ୟ ଅନେକ ଥର ଟି ଲେଙ୍ଗ୍‌ଥ ଡ୍ରେସ୍ ପିନ୍ଧି ଫଟୋ ପୋଜ୍ ଦେଉଥିବାର ଦେଖିବାକୁ ମିଳିଥାଏ। ତେବେ ଏହାର ଅନେକ ଭେରାଇଟି ଏବେ ମାର୍କେଟ୍‌ରେ ମିଳିଲାଣି। ତା'ହେଲେ ଆସନ୍ତୁ ଜାଣିବା ଟି ଲେଙ୍ଗ୍‌ଥ ଡ୍ରେସ୍‌ର କ'ଣ ସବୁ ଲାଟେଷ୍ଟ ଫ୍ୟାଶନ ଚାଲିଛି...

**ସିମ୍ପଲ୍ ଟି ଲେଙ୍ଗ୍‌ଥ ଡ୍ରେସ୍:** ମାର୍କେଟ୍‌ରେ ପିୟୋର୍ କଟନ୍‌ର ଖୁବ୍ ସୁନ୍ଦର ସୁନ୍ଦର ସିମ୍ପଲ ଟି ଲେଙ୍ଗ୍‌ଥ ଡ୍ରେସ୍ ମିଳୁଛି। ଏହାକୁ ଆପଣ ଚାହିଁଲେ ରେଗୁଲାର୍ ବ୍ୟବହାର କରିପାରିବେ ନଚେତ୍ ଅଫିସ୍‌କୁ ମଧ୍ୟ ପିନ୍ଧି ଯାଇପାରିବେ। ଏ ଷ୍ଟାଇଲ୍‌ର ଡ୍ରେସ୍ ସୋବର୍ ଲୁକ୍ ଦେଇଥାଏ।

**ଫ୍ଲୋରାଲ୍ ପ୍ରିଣ୍ଟ:** ଯଦି ଆପଣ ଅନେକ ଅପ୍ସନ ମଧ୍ୟରୁ କାହାକୁ ଗୋଟିଏ ଚଏସ୍ କରିବାକୁ ନେଇ ଦ୍ୱନ୍ଦ୍ୱରେ ଥାନ୍ତି, ତା'ହେଲେ ସବୁଠୁ ଭଲ ଫ୍ଲୋରାଲ୍ ପ୍ରିଣ୍ଟ ବାଲା ଟି ଲେଙ୍ଗ୍‌ଥ ଡ୍ରେସ୍ ବାଛନ୍ତୁ। କାରଣ ଏହା ଷ୍ଟାଇଲିଶ୍ ଲୁକ୍ ଦେବା ସହ ଟ୍ରେଣ୍ଡି ବି ଲାଗିଥାଏ। ତା'ଛଡ଼ା ଏହି ଡ୍ରେସ୍ ପିନ୍ଧି ଆପଣ କାଜୁଆଲ୍ ଆଉଟିଂରେ କିମ୍ବା ଶପିଂ ପାଇଁ ବି ଯାଇପାରିବେ।

**ୱାନ୍ ସୋଲ୍ଡର୍ :** ଯଦି କୌଣସି ପାର୍ଟି ଫଙ୍କଶନ୍‌କୁ ସର୍ଟ ଲେଙ୍ଗ୍‌ଥ ଡ୍ରେସ୍ ପିନ୍ଧିକି ଯିବାକୁ ଆଣପଙ୍କୁ ପସନ୍ଦ ନ ଥାଏ, ତା'ହେଲେ ବ୍ରାଇଟ୍ କଲର୍‌ର ୱାନ ସୋଲ୍ଡର୍ ଟି ଲେଙ୍ଗ୍‌ଥ ଡ୍ରେସ୍ ଆପଣଙ୍କ ପାଇଁ ଭଲ ହେବ। ଏହା କମ୍ଫଟେବୁଲ୍ ଲାଗିବା ସହ ଷ୍ଟାଇଲିଶ୍ ବି ଲାଗିବ।

**ଅଫ୍ ସୋଲ୍ଡର୍:** ଅଫ୍ ସୋଲ୍ଡର୍‌ର ଟି ଲେଙ୍ଗ୍‌ଥ ଡ୍ରେସ୍ ଯୁବତୀଙ୍କୁ ଆଟ୍ରାକ୍ଟିଭ୍ ଲୁକ୍ ଦେଇଥାଏ। ଏହା ସହିତ ଆପଣ ଚାହିଁଲେ ଟିକେ ଗର୍ଜିୟସ୍ ଇୟର ରିଂକୁ ମ୍ୟାଚିଂ କରି ପିନ୍ଧିପାରିବେ।

**ବଡି ଫିଟିଙ୍ଗ୍:** ଯଦି ଆପଣଙ୍କର ସ୍ଲିମ୍ ଟ୍ରିମ୍ ପର୍ସନାଲିଟି ରହିଛି, ତା'ହେଲେ ବଡି ଫିଟିଙ୍ଗ୍ ଟି ଲେଙ୍ଗ୍‌ଥ ଡ୍ରେସ୍ ଆପଣଙ୍କୁ ସ୍ମାର୍ଟ ଲୁକ୍ ନିଶ୍ଚୟ ଦେବ। ବିଶେଷକରି ସାଙ୍ଗସାଥୀ କିମ୍ବା ପରିବାର ସଦସ୍ୟଙ୍କ ସହିତ କୁଆଡେ ଆଉଟିଂରେ ଗଲାବେଳେ ଏହି ଡ୍ରେସ୍‌କୁ ଟ୍ରାଏ କରନ୍ତୁ, ଦେଖିବେ କେତେ କମ୍ଫଟେବୁଲ୍ ଲାଗିବ।

**ସମର୍ ଫ୍ରେଣ୍ଡଲି:** ଯଦି ଆପଣଙ୍କୁ କାଜୁଆଲ୍ ଲୁକ୍ ପସନ୍ଦ, ତା'ହେଲେ ସମର୍ ଫ୍ରେଣ୍ଡଲି ଷ୍ଟ୍ରାଇପ୍ ପ୍ରିଣ୍ଟ ବାଲା ଟି ଲେଙ୍ଗ୍‌ଥ ଡ୍ରେସ୍ ଆପଣଙ୍କ ପାଇଁ ପରଫେକ୍ଟ ହେବ। ଏହା ମଧ୍ୟ କାଜୁଆଲ୍ ଆଉଟିଂ ପାଇଁ ବେଷ୍ଟ ଅପ୍ସନ ହୋଇପାରେ। ତା'ଛଡ଼ା ଏ ଷ୍ଟାଇଲ୍‌ର ଡ୍ରେସ୍‌କୁ ଖରା, ବର୍ଷା ସବୁବେଳେ ପିନ୍ଧିହେବ।











# ମଦନ ମୋହନ





ମଦନ ମୋହନ କୋହଲି । ସଂକ୍ଷେପରେ ମଦନ ମୋହନ । ହିନ୍ଦୀ ଫିଲ୍ମ ଦେଖିବାରେ ରୁଚି ରଖୁଥିବା ଲୋକମାନେ ଅପରିଚିତ ନୁହନ୍ତି ଏହି ନାମଟି ସହିତ । ୧୯୫୦ ଦଶକରୁ ଆରମ୍ଭ କରି ୧୯୭୦ ଦଶକ ଯାଏ ହିନ୍ଦୀ ଫିଲ୍ମ ସଙ୍ଗୀତରେ ଯେଉଁ ସୁବର୍ଣ୍ଣ ଯୁଗର ସୂତ୍ରପାତ ହୋଇଥିଲା ସେହି ଯୁଗର ଜଣେ ଅଗ୍ରଣୀ କର୍ଣ୍ଣଧାର ଥିଲେ ସଙ୍ଗୀତକାର ମଦନ ମୋହନ । ତାଙ୍କୁ ସେହି ତିନିଦଶକର ସବୁଠୁ ମେଲୋଡିଅସ୍ ତଥା କ୍ଷମତାସମ୍ପନ୍ନ ସଙ୍ଗୀତକାର ଭାବରେ ବିବେଚନା କରାଯାଇଥାଏ । ବିଶେଷ କରି ସେ ହିନ୍ଦୀ ଫିଲ୍ମ ପାଇଁ ଯେଉଁସବୁ ଗଜଲ କମ୍ପୋଜ କରିଛନ୍ତି ତାହା ତାଙ୍କୁ ଚିର ଅମର କରି ରଖିଛି ଓ ରଖିବ ମଧ୍ୟ । ମହମ୍ମଦ ରଫି, ତଲତ ମେହେମୁଦ୍, ଲତା ମଙ୍ଗେସକର ଏବଂ ଆଶା ଭୋଁସଲେଙ୍କ ଭଳି ମହାନ୍ ଗାୟକ ଗାୟିକାମାନେ ତାଙ୍କ ପାଇଁ କଣ୍ଠଦାନ କରି ହିନ୍ଦୀ ସଙ୍ଗୀତ ଦୁନିଆକୁ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରଦାନ କରିଛନ୍ତି ।

**ଜନ୍ମ ଓ ପିଲାବେଳ :** ୧୯୨୪ ମସିହା ଜୁନ୍ ୨୫ ତାରିଖରେ କୁର୍ଦ୍ଦିସ୍ତାନରେ ଜନ୍ମ ହୋଇଥିଲେ ମଦନ ମୋହନ । ବାପାଙ୍କ ନାମ ରାୟ ବାହାଦୁର ଚୁନିଲାଲ୍ । ସେ କୁର୍ଦ୍ଦିସ୍ତାନରେ ଜଣେ ଆକାଉଣ୍ଟାଣ୍ଟ ଜେନେରାଲ ଭାବରେ କାର୍ଯ୍ୟ କରୁଥିଲେ । ସେଥିଲାଗି ତାଙ୍କ ଶୈଶବର ବହୁଭାଗ ମଧ୍ୟପ୍ରାଚ୍ୟରେ ହିଁ ଅତିବାହିତ ହୋଇଥିଲା । ତାଙ୍କୁ ଯେତେବେଳେ ଆଠବର୍ଷ ବୟସ ସେତେବେଳେ ତାଙ୍କର ପରିବାର ପଞ୍ଜାବ ଫେରି ଆସିଲେ । ବାସ୍ତବରେ ରାୟ ବାହାଦୁର ଚୁନିଲାଲ୍‌ଙ୍କ ମୂଳଘର ହିଁ ଥିଲା ପଞ୍ଜାବର ଝେଲମ୍ ଜିଲ୍ଲାରେ । ଚୁନିଲାଲ କାମ ଅନ୍ୱେଷଣରେ ବମ୍ବେ (ବର୍ତ୍ତମାନର ମୁମ୍ବାଇ) ଚାଲି ଆସିଲେ । ଲାହୋର୍‌ରେ ଜଣେ ଉସ୍ତାଦ ଥିଲେ କର୍ତାର ସିଂ । ସେ ତାଙ୍କରି ଠାରୁ ହିଁ ଅଳ୍ପ କିଛିଦିନ ପାଇଁ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷା କଲେ ।

**୧୯୭୦ ଦଶକ ଯାଏ ହିନ୍ଦୀ ଫିଲ୍ମ ସଙ୍ଗୀତରେ ଯେଉଁ ସୁବର୍ଣ୍ଣ ଯୁଗର ସୂତ୍ରପାତ ହୋଇଥିଲା ସେହି ଯୁଗର ଜଣେ ଅଗ୍ରଣୀ କର୍ଣ୍ଣଧାର ଥିଲେ ସଙ୍ଗୀତକାର ମଦନ ମୋହନ। ତାଙ୍କୁ ସେହି ତିନିଦଶକର ସବୁଠୁ ମେଲୋଡିଅସ୍ ତଥା କ୍ଷମତାସମ୍ପନ୍ନ ସଙ୍ଗୀତକାର ଭାବରେ ବିବେଚନା କରାଯାଇଥାଏ।**

ଏହା ପରେ ସେ ଆଉ କାହାରିଠାରୁ ବିଧିବଦ୍ଧ ଭାବରେ ଶିକ୍ଷା ଗ୍ରହଣ କରିନାହାନ୍ତି । ପରେ ସେ ବାପାଙ୍କ ସହିତ ବମ୍ବେ ଚାଲି ଆସିଲେ ଓ ସେଠାରେ ତାଙ୍କ ଶିକ୍ଷା ଶେଷକଲେ । ୧୧ବର୍ଷ ବୟସରେ ସେ ଅଲ୍ ଇଣ୍ଡିଆ ରେଡିଓରେ ଜଣେ ଶିଶୁ କଣ୍ଠଶିଳ୍ପୀ ଭାବରେ କାର୍ଯ୍ୟ କରିଥିଲେ ।

**ପ୍ରାଥମିକ କ୍ୟାରିୟର :** ଜଣେ ଲ୍ୟୁଟନାଣ୍ଟ ଭାବରେ ମଦନ ମୋହନ ପ୍ରଥମେ ତାଙ୍କର କ୍ୟାରିୟର ଆରମ୍ଭ କରିଥିଲେ । ମାତ୍ର ଦୁଇବର୍ଷ ପରେ ସେ ଲ୍ୟୁଟନାଣ୍ଟ ଚାକିରି ଛାଡ଼ି ବମ୍ବେ ଫେରିଆସିଲେ । ଉଦ୍ଦେଶ୍ୟ ଥିଲା ନିଜର ସଙ୍ଗୀତକୁ ଆଗକୁ ନେବା । ସେ ଖୁବ୍ ଭଲ ଗୀତ ଗାଇ ପାରୁଥିଲେ ଓ କମ୍ପୋଜ୍ ମଧ୍ୟ କରି ପାରୁଥିଲେ । ସେ ଆସି ଅଲ୍ ଇଣ୍ଡିଆ ରେଡିଓ, ଲକ୍ଷ୍ନୌରେ ଯୋଗଦେଲେ । ସେଠାରେ ତାଙ୍କର ଉସ୍ତାଦ ଫୈୟାଜ ଖାନ୍, ଉସ୍ତାଦ ଅଲି ଆକବର ଖାନ୍, ବେଗମ୍ ଅଖତାର ଏବଂ ତଲତ ମେହେମୁଦ୍‌ଙ୍କ ଭଳି ବିଶିଷ୍ଟ ସଙ୍ଗୀତ ଶିଳ୍ପୀମାନଙ୍କ ସହିତ ପରିଚୟ ହେଲା । ସେ ସେମାନଙ୍କର ରେଡ଼ିଓ ପ୍ରୋଗ୍ରାମ୍ ପାଇଁ ଗୀତ କମ୍ପୋଜ କରିଥିଲେ । ସେ ନିଜେ ଜଣେ ରେଡିଓ ସିଙ୍ଗର ଥିଲେ ଓ ବହୁ ଗଜଲ ରେଡିଓ ପାଇଁ ରେକର୍ଡ଼ କରିଥିଲେ । ୧୯୪୮ ମସିହାରେ ତାଙ୍କୁ ଜଣେ ଗାୟକ ଭାବରେ ପ୍ରଥମେ ଫିଲ୍ମରେ ଗାଇବାକୁ ବ୍ରେକ୍ ମିଳିଥିଲା । ସେ ଲତା ମଙ୍ଗେସକରଙ୍କ ସହିତ ଦୁଇଟି ଗୀତରେ କଣ୍ଠଦାନ କରିଥିଲେ ; ଯାହାର କମ୍ପୋଜର ଥିଲେ ଗୁଲାମ ହାଇଦର । ଫିଲ୍ମ ଥିଲା ସହିଦ । ତେବେ ଦୁର୍ଭାଗ୍ୟଜନକ ଭାବରେ ଫିଲ୍ମରେ ଏହି ଦୁଇଟି ଗୀତକୁ ବ୍ୟବହାର କରାଯାଇ ନ ଥିଲା । କିଛିଦିନ ସେ ବିଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ଏସ୍.ଡି.ବର୍ମନ୍‌ଙ୍କ ନିକଟରେ ଜଣେ ସହ ସଙ୍ଗୀତ ନିର୍ଦ୍ଦେଶକ ଭାବରେ କାମ କଲେ ।

**ସଙ୍ଗୀତ ନିର୍ଦ୍ଦେଶନା :** ୧୯୫୦ରେ ତାଙ୍କୁ ମିଳିଲା ଫିଲ୍ମରେ ସଙ୍ଗୀତ ନିର୍ଦ୍ଦେଶନା ଦେବାର ସୁଯୋଗ । ଫିଲ୍ମ ଥିଲା 'ଆଖେଁ' । ଏହି ଫିଲ୍ମରୁ ତାଙ୍କର ମହମ୍ମଦ ରଫିଙ୍କ ସହିତ ବନ୍ଧୁତା ସୃଷ୍ଟି ହେଲା । ସେହିପରି ଦ୍ୱିତୀୟ ଫିଲ୍ମ 'ଆଦା'ରେ ସେ କାମ କଲେ ଲତା ମଙ୍ଗେସକରଙ୍କ ସହିତ । ମହମ୍ମଦ ରଫି ଓ ଲତା ମଙ୍ଗେସକର ଥିଲେ ତାଙ୍କର ସବୁଠୁ ପ୍ରିୟ ଗାୟକ ଗାୟିକା । ସେ ତାଙ୍କର ପ୍ରତ୍ୟେକ ଫିଲ୍ମରେ ଏହି ଦୁହିଁଙ୍କ ପାଇଁ ଗୀତ ରଖୁଥିଲେ । ତାଙ୍କ ହାତରେ ଖୁବ୍ ଭଲ ଗଜଲ ସୃଷ୍ଟି ହେଉଥିଲା । ସେଥିଲାଗି କୋକିଳ କଣ୍ଠୀ ଲତା ତାଙ୍କୁ ଗଜଲ୍‌ର ରାଜକୁମାର ବୋଲି ଡାକୁଥିଲେ । ୧୯୭୫ ଜୁଲାଇ ୧୪ ତାରିଖରେ ଏହି ମହାନ୍ ସଙ୍ଗୀତ ନିର୍ଦ୍ଦେଶକଙ୍କର ଦେହାନ୍ତ ଘଟିଥିଲା ।









## ବାକି ଅଛି ସମୟ

ମୁଁ ଥିଲି
ମୁଁ ଅଛି
ରହିବି ସେଇଠି
ମୋ ଷଠିଘର
ମୋ ବହି ପତ୍ର
ମୋ ଖଟ
ମୋ ଚଟ
ମୋ ଗାଧୁଆ ତୁଠ
କୈଶୋର
ଯୌବନ
ଶୈଶବର ପୀଠ
ଦୁଆର ଟପିଲେ
ମଶାଣି ବା କେଇଗଜ ବାଟ
ସେଇଠି କି ଯିବି ପରା
ସରିଯାଉ ଅଳପ
ସମୟର ହାଟ ।

**–ଦେବରାଜ ମହାନ୍ତି**
*–ନଳଦିଆ,ରାଜନଗର,କେନ୍ଦ୍ରାପଡ଼ା*

## ନାରୀ

ନାରୀ ତ କାଠ ନୁହେଁ
ତଥାପି ଜଳିଯାଏ
ସଭ୍ୟ ସମାଜର ଯୌତୁକ ନିଆଁରେ
ନିର୍ଦ୍ଦୋଷରେ

ନାରୀ ତ ଦ୍ରବ୍ୟ ନୁହେଁ
ତଥାପି ବିକ୍ରିହୁଏ
ମାୟା ନଗରୀର ଦେହ ବଜାରରେ
ନିଶାର୍ଧରେ ।

ନାରୀ ତ ଛବି ନୁହେଁ
ତଥାପି ଛାପିହୁଏ
କିଛି ପତ୍ରିକାର ନଗ୍ନ ପୃଷ୍ଠାରେ
ନିର୍ଦ୍ଵନ୍ଦ୍ୱରେ ।

ନାରୀ ତ ଫୁଲ ନୁହେଁ
ତଥାପି ଝଡିଯାଏ
ଦୁଷ୍କର୍ମ ଓ ଧର୍ଷଣର ନିଷ୍ଠୁର ଝଡରେ
ନୀରବରେ ।

ନାରୀ ତ କାଚ ନୁହେଁ
ତଥାପି ଭାଙ୍ଗିଯାଏ
ଛଳନା ଓ ପ୍ରତାରଣାର ଶକ୍ତ ଆଘାତରେ
ନିର୍ଦ୍ଦୟରେ ।

**–ଭକ୍ତ ଚରଣ ସୁନାନୀ**
ଖୁଣ୍ଟିଆ, ପର୍ଲା, କଳାହାଣ୍ଡି

କ୍ଷୁଦ୍ର ଗଳ୍ପ |

## ମଣିଷ

**ଅଲେଖ ଚନ୍ଦ୍ର ମିଶ୍ର**

ରାତି ବାରଟା ପାଖାପାଖି । ବର୍ଷାର ବେଗ ବଢ଼ି ଚାଲିଥାଏ । ଯେମିତି ମାଠିଆରୁ ଢାଳୁଛି । ତା' ସାଙ୍ଗକୁ ଅଣଚାଶ ପବନ । ଆଉ ଗାଡ଼ି ଚଳେଇବା ସମ୍ଭବ ନ ଥିଲା । ଅନନ୍ୟୋପାୟ ହୋଇ ରାସ୍ତା ପାଖରେ ଥିବା ଏକ ନୁଆଣିଆଁ ଚାଳଘର ପାଖରେ ଗାଡ଼ି ରଖି ଦରଜାରେ କରାଘାତ କଲେ ବିଶ୍ୱଜିତ୍ । ଜଣେ ବୃଦ୍ଧା ଦ୍ୱାର ଖୋଲିଲେ । ତାଙ୍କୁ ଦେଖି ନିଜର ପରିଚୟ ଦେବାକୁ ଏବଂ ଅସହାୟତା ପ୍ରକାଶ କରିବାକୁ ଚାହୁଁଥିଲେ । ତାଙ୍କ ଭଳି ଏକ ସେଲିବ୍ରିଟି ପ୍ରଖ୍ୟାତ ଡାକ୍ତର ବିଶ୍ୱଜିତ୍ ଦାସଙ୍କୁ ଅଭ୍ୟର୍ଥନା ଦେବା କେତେଜଣଙ୍କ ଭାଗ୍ୟରେ ଜୁଟେ ? ବୃଦ୍ଧାଜଣକ ହୁଏତ କୃତକୃତ୍ୟ ହୋଇଯିବେ । ହେଲେ ସେ କିଛି କହିବା ପୂର୍ବରୁ ବୃଦ୍ଧା ନିଜ ଆଡୁ ଆରମ୍ଭ କଲେ, ''କିଛି କହିବା ଦରକାର ନାହିଁ । ତୁମର ପରିସ୍ଥିତି ହିଁ ସୂଚେଇ ଦେଉଛି ଯେ ଅସୁବିଧାରେ ପଡ଼ିଥିବା ତୁମେ ଜଣେ ମଣିଷ । ସେତିକି ଯଥେଷ୍ଟ । ତୁମେ ନିଶ୍ଚିନ୍ତରେ ଏଠି ଆଶ୍ରୟ ନେଇପାର ।'' ତାଙ୍କର ଚର୍ଚ୍ଚା ପାଇଁ ଯଥାଶକ୍ତି ଚେଷ୍ଟା କରିବାକୁ ଯାଇ ବୃଦ୍ଧାଜଣକ ନିଜେ ନ ଖାଇ ତାଙ୍କୁ ଖୋଇଲେ ଏବଂ ନିଜେ ହାଣ୍ଡିଶାଳରେ ଶୋଇ ତାଙ୍କର ନିଦ୍ରା ପାଇଁ ବନ୍ଦୋବସ୍ତ କରିଦେଲେ ।

କିଛିଦିନ ପରେ । ସେଦିନ କ୍ଲିନିକ୍ ବନ୍ଦ କରିବା ସମୟ ହୋଇ ଆସୁଥାଏ । ଶେଷ ରୋଗୀଟି ଥିଲେ ଜଣେ ମଧ୍ୟବୟସ୍କା ଦରିଦ୍ର ମହିଳା । ସାଥୀରେ ଛୋଟ ପିଲାଟିଏ । ଡାକ୍ତର ବିଶ୍ୱଜିତ୍‌ଙ୍କୁ ଦେଖା କରିବା ପାଇଁ ଅପରାହ୍ନ ୪ଟା ବେଳୁ ଅପେକ୍ଷା କରିଥିଲେ ବି ତାଙ୍କୁ ସୁଯୋଗ ମିଳିଲା ବେଳକୁ ରାତି ନଅଟା । କ'ଣ କରାଯିବ ? ଏତେ ବଡ଼ ଡାକ୍ତର । ତାଙ୍କ ପାଖକୁ କେତେ ବଡ଼ ବଡ଼ ବାବୁ ଆସୁଛନ୍ତି.... । ସାକ୍ଷାତ ପରେ ନିଜ ପଣତ କାନିରେ ବାନ୍ଧିଥିବା କିଛି ମୁଦ୍ରା ଓ ମଳିଆ କୋଚଟ ନୋଟ୍‌ଗୁଡ଼ିକୁ କାଢ଼ି ତାଙ୍କ ଟେବୁଲ ଉପରେ ଥୋଇଦେଇ ମହିଳା ଜଣକ କାକୁତି ମିନତି ହେଲେ, 'ବାବୁ ମୋ ପାଖରେ ଯାହା କିଛିଥିଲା ସବୁ ନିଅନ୍ତୁ । ହେଲେ ଟିକେ ଦୟା କରନ୍ତୁ । ରାତି ଦଶଟା ବାଜିଲାଣି । ଗାଁକୁ ଆଜି ଯାଇପାରିବିନି । ଅନୁଗ୍ରହ କରି ଯଦି ଆପଣଙ୍କର ଗ୍ୟାରେଜ୍‌ରେ ଟିକେ ଆଶ୍ରା ଦିଅନ୍ତେ ରାତିଟା କଟେଇ ଦିଅନ୍ତି । ସକାଳୁ ଆପଣ ଉଠିବା ପୂର୍ବରୁ ମୁଁ ଚାଲିଯିବି । ଏଠାରେ ମୋର କେହି ଜଣାଶୁଣା ନାହାନ୍ତି । କୁଆଡ଼େ ଯିବି ?''

ଏକ ବିରକ୍ତିଭରା ମୁହଁରେ ତା ଆଡ଼କୁ ଚାହିଁ ଉପର ମହଲାକୁ ଚାଲିଗଲେ ବିଶ୍ୱଜିତ୍ । ମହିଳାଟିକୁ ବାହାରକୁ ବାହାର କରି ଦେଇ ଫାଟକ ବନ୍ଦ କରିଦେଲା ସୁରକ୍ଷାକର୍ମୀ ।

*–'ସାରଦାଶ୍ରୀ', ୯୦୪ ଶାସ୍ତ୍ରୀନଗର,*
*ୟୁନିଟ୍–୪,*
*ଭୁବନେଶ୍ୱର,*



# ଶାଢ଼ି ପ୍ରିୟ ଆଲିୟା

ଆଲିୟାଙ୍କ ଶାଢ଼ି କିଣାକୁ ନେଇ ଏବେ ଚର୍ଚ୍ଚା। ନିକଟରେ ଗଣେଶ ପୂଜାରେ ପିନ୍ଧିବାକୁ ସେ ଏକ ଶାଢ଼ି କିଣିବାକୁ ଯାଇଥିଲେ। ବେଶ୍ କେତୋଟି ଶାଢ଼ି ଦୋକାନ ବୁଲିବା ପରେ ବି ମନ ଲାଖି ଶାଢ଼ିଟିଏ ଚଏସ କରିପାରିଲେ ନାହିଁ। ଠିକ୍ ସେତିକି ବେଳେ ସେଠାରେ ହଠାତ୍ ପହଞ୍ଚି ଯାଇଥିଲେ ତାଙ୍କର ପ୍ରେମିକ ରଣବୀର କପୁର। ଆଉ ତା'ପରେ ଆଲିୟାଙ୍କ ଖୁସି ଦେଖେ କିଏ। ଡେରି ନ କରି ଦୁହେଁ ଏକାଠି ଶାଢ଼ିଟିଏ ଖୋଜିବାରେ ଲାଗିପଡିଲେ। କିଛି ସମୟରେ ମନଲାଖି ଶାଢ଼ି ଧରି ହସି ହସି ଦୁହେଁ କାର୍ ମୁହାଁ ହୋଇଥିଲେ। ସୂଚନାଯୋଗ୍ୟ ରଣବୀର–ଆଲିୟାଙ୍କ ଅଭିନୀତ 'ବ୍ରହ୍ମାସ୍ତ୍ର' ରିଲିଜ ଅପେକ୍ଷାରେ ରହିଛି।



# ଭୂମି ଯାହା ଖୋଜୁଥିଲେ

ଭୂମି ଯାହା ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି। ଅବଶ୍ୟ ତାହା ପୂରଣ ହେବାକୁ କିଛି ସମୟ ଲାଗିଲା, ହେଲେ ସେ ନେଇ ଆଦୌ ମନଦୁଃଖ କରୁନାହାନ୍ତି ସେ। କଥା କ'ଣ କି ଏବେ ସେ ୧୯୭୮ରେ ନିର୍ମିତ 'ପତି ପତ୍ନୀ ଔର ୱ'ର ରିମେକ୍ ଫିଲ୍ମର ନାୟିକା ସାଜିଛନ୍ତି। ବର୍ତ୍ତମାନ ଏହାର ଶୁଟିଂ ଉତ୍ତରପ୍ରଦେଶର ବିଭିନ୍ନ ସ୍ଥାନରେ ଚାଲୁ ରହିଛି। ତେବେ ଭୂମିଙ୍କୁ ତାଙ୍କ ମନଲାଖି ଭୂମିକା କେଉଁ ସିନେମାରେ ମିଳିଛି ଜାଣିବେନି ? ଏ ସମ୍ପର୍କରେ ସେ କହନ୍ତି, 'ମୋର ବହୁତ ଦିନରୁ ଆଶା ଥିଲା ଏପରି ଏକ ଭୂମିକାରେ ଅଭିନୟ କରିବି। ତାହା ପୂରଣ ହୋଇଛି। ଆଉ ଫିଲ୍ମଟି ହେଲା 'ପତି ପତ୍ନୀ ଔର ଓ'। ଏଥିରେ ମୋ ଭୂମିକାରେ କ'ଣ ସ୍ପେଶାଲ ରହିଛି ଏବେଠାରୁ କହିବି ନାହିଁ। ଫିଲ୍ମଟି ରିଲିଜ ହେଲେ ଦର୍ଶକ ଜାଣିପାରିବେ।' ଏହି ଚିତ୍ରରେ ଭୂମିଙ୍କ ନାୟକ ଭୂମିକାରେ ଅଭିନୟ କରୁଛନ୍ତି କାର୍ତ୍ତିକ ଆର୍ଯ୍ୟନ୍।


ଭୂମି

# ସୈଫ ରାଜି ହୋଇଥିଲେ

ଯଦି ସେଦିନ ସୈଫ ଅଲ୍ଲୀ ଖାଁ ରାଜି ହୋଇଯାଇଥାଆନ୍ତେ ତେବେ ସବୁ କ୍ରେଡିଟ୍ ତାଙ୍କୁ ହିଁ ଯାଇଥାଆନ୍ତା। ହେଲେ କ'ଣ ହେଲା କେଜାଣି, ଏଭଳି ଏକ ସୁପରହିଟ୍ ଫିଲ୍ମରେ ଅଭିନୟ କରିବାକୁ ସେ ମନାକରି ଦେଇଥିଲେ। ତା'ପରେ ପ୍ରଯୋଜକ ସେକେଣ୍ଡ ଅପସନ ଭାବରେ ଲୋକପ୍ରିୟ ହଲିଉଡ୍ ଅଭିନେତା ଟମ୍ କ୍ରୁଜ୍‌ଙ୍କୁ ଯୋଗାଯୋଗ କରିଥିଲେ। ହେଲେ ତାହା ମଧ୍ୟ ସଫଳ ହୋଇପାରି ନ ଥିଲା। ଶେଷକୁ ପ୍ରଯୋଜନା ସଂସ୍ଥା ପୂର୍ବରୁ ଏହି ରାଜ୍ ମାଲହୋତ୍ରା ଭୂମିକା ପାଇଁ ଶାହରୁଖଙ୍କୁ ଯୋଗାଯୋଗ କରାଗଲା। ସେ ମଧ୍ୟ ଏପରି ଏକ ସୁବର୍ଣ୍ଣ ସୁଯୋଗକୁ ହାତଛଡା କରିବାକୁ ଚାହୁଁ ନ ଥିଲେ। ତା'ପରେ ଯାହା ଘଟିଲା, ତାହା ଥିଲା ଇତିହାସ। ଯଶ ଚୋପ୍ରାଙ୍କ ଏହି ଫିଲ୍ମ 'ଦିଲ୍‌ୱାଲେ ଦୁଲହନିୟାଁ ଲେ ଜାୟେଙ୍ଗେ' ବଲିଉଡ୍‌ରେ କେତେ ରେକର୍ଡ ସୃଷ୍ଟି କରିଥିଲା ତାହା କହିବା ବାହୁଲ୍ୟ। ଶାହରୁଖ–କାଜୋଲ ଅଭିନୀତ ଏହି ଚଳଚ୍ଚିତ୍ର ଏବେ ମଧ୍ୟ ଅନେକ ସିନେପ୍ରେମୀଙ୍କ ମନରେ ବେଶ୍ ସତେଜ ହୋଇ ରହିଛି।


ସୈଫ

# ଫଟୋଗ୍ରାଫିରେ ମନ

ଅର୍ଜୁନ କପୁର ଏବେ ଯୁଆଡେ ଗଲେ ଗୋଟିଏ ଜିନିଷ ନେବାକୁ ଭୁଲୁନାହାନ୍ତି। ତାହା କ'ଣ ଜାଣନ୍ତି। କ୍ୟାମେରା। କାରଣ ଏବେ ତାଙ୍କର ଫଟୋ ଉଠାଇବା ଏକ ହବି ପାଲଟିଯାଇଛି। ତେଣୁ ବାହାରକୁ ଗଲେ ସେ ସାଙ୍ଗରେ ଗୋଟିଏ ନୁହେଁ, ଦାମୀ କମ୍ପାନୀର ତିନୋଟି କ୍ୟାମେରା ନେବାକୁ ଭୁଲୁ ନାହାନ୍ତି। ହେଲେ ହଠାତ୍ ଫଟୋ ଉଠାଇବାକୁ ତାଙ୍କର ମନ ହେଲା କାହିଁକି ? ଏହା ପଛରେ ତାଙ୍କର ପ୍ରେମିକା ମଲାଇକା ଆରୋରାଙ୍କ କେଇ ପଦ କଥା ରହିଛି। ଥରେ ଦୁହେଁ ଏକାଠି ବୁଲୁଥିବା ବେଳେ ସେଲଫି ପୋଜ୍‌ରେ ଅର୍ଜୁନ କେତୋଟି ସ୍ନାପ୍ ନେଇଥିଲେ। ଆଉ ତା'ପରେ ଅର୍ଜୁନଙ୍କୁ ଜଣେ ଭଲ ଫଟୋଗ୍ରାଫର ବୋଲି କହିଥିଲେ ମଲାଇକା। ସେକଥା ଶୁଣିବା ପରେ ଏବେ ଅର୍ଜୁନ ଫଟୋ ଉଠାଇବାକୁ ପ୍ରାଥମିକତା ଦେଉଛନ୍ତି। କେବଳ ସେତିକି ନୁହେଁ, ସେ ଉଠାଇଥିବା କେତେକ ଆକର୍ଷଣୀୟ ଫଟୋଗୁଡିକୁ ନିଜ ସୋସିଆଲ ମିଡିଆରେ ଅପଲୋଡ୍ କରିଛନ୍ତି।


ଅର୍ଜୁନ

# ଧକ୍ ଧକ୍ ମାଧୁରୀ

ହିନ୍ଦୀ ସିନେମା 'ବେଟା'ର ପପୁଲାର ଗୀତ 'ଧକ୍ ଧକ୍ କର୍‌ନେ ଲଗା' ମାଧୁରୀ ଦୀକ୍ଷିତଙ୍କୁ ବଲିଉଡ୍‌ରେ ଧକ୍ ଧକ୍ ଗର୍ଲ ଭାବରେ ପରିଚିତ କରାଇଥିଲା। ତାଙ୍କର ପ୍ରଶଂସକଙ୍କ ସଂଖ୍ୟାରେ ଆଉ ଜଣେ ନିଜ ନାମକୁ ସାମିଲ କରିଛନ୍ତି। ସେ ହେଲେ ଓଡ଼ିଆ ସିନେମାର ରୋମାଣ୍ଟିକ ନାୟକ ଦୀପକ। ମାଧୁରୀଙ୍କର ସେ ଜଣେ ଜବରଦସ୍ତ ଫ୍ୟାନ୍। ତେଣୁ କୌଣସି ସୁନ୍ଦରୀ ଝିଅକୁ ଦେଖିଲେ ସେ ଝିଅଟି ତାଙ୍କୁ ମାଧୁରୀ ପରି ଦେଖାଯାଉଛି। ଏ ସମ୍ପର୍କରେ ସମ୍ପୂର୍ଣ୍ଣ ସୂଚନା ଦେବା ପୂର୍ବରୁ ଗୋଟିଏ କଥା–ଏହି ବିଷୟର ଦୀପକଙ୍କ ଅଭିନୟ ଜୀବନ ସହ ସଂଯୋଗ ରହିଛି। ଅର୍ଥାତ୍ ରିଲିଜ ଅପେକ୍ଷାରେ ଥିବା ଓଡ଼ିଆ ସିନେମା 'ଜୋର୍ କା ଝଟକା'ରେ ତାଙ୍କୁ ଏଭଳି ଏକ ଭୂମିକାରେ ଦର୍ଶକ ଦେଖିପାରିବେ। କାହାଣୀ ଅନୁସାରେ ଦୀପକ ଜଣେ ବିନଦାସ ଯୁବକ। ଦୁଇ ଜଣ ସାଙ୍ଗ (ହରିହର ମହାପାତ୍ର, ପ୍ରଜ୍ଞା)ଙ୍କ ସହ ମିଶି ବେଶ୍ ମସ୍ତି କରେ। ଥରେ ହଠାତ୍ ଜଣେ ସୁନ୍ଦରୀ ତରୁଣୀ ସହ ଭେଟ ହେଉଛି। ବାସ୍, ତା'ପରେ ସେ ଝିଅ ବିଷୟରେ ଭାବିବା ପୂର୍ବରୁ ତାଙ୍କୁ ଲାଗୁଛି ଯେ ସତେ ଯେମିତି ସେପଟୁ ମାଧୁରୀ ଦୀକ୍ଷିତ ଆସୁଛନ୍ତି। ଆଉ ଏଭଳି ସିକୁଏନ୍ସକୁ ଆହୁରି ରଙ୍ଗିନ କରିବା ପାଇଁ ସ୍ୱର ସଂଯୋଜକ ଖଞ୍ଜି ଦେଇଛନ୍ତି 'ଧକ୍ ଧକ୍ ମାଧୁରୀ' ପରି ବେଶ୍ ସୁରିଲା ଗୀତଟିଏ, ଯାହାକୁ ରଚନା କରିଛନ୍ତି ଡ. ନିର୍ମଳ ନାୟକ ଏବଂ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର। ଏହି ଗୀତର ଦୃଶ୍ୟାୟନ ମେଘାଳୟର ଚେରାପୁଞ୍ଜି ଏବଂ ଉତ୍ତର–ପୂର୍ବ ଭାରତର କେତେକ ସ୍ଥାନରେ ହୋଇଛି। ଅନ୍ୟପକ୍ଷରେ ଏହି ଗୀତଟି ଏବେ ଯୁବପିଢ଼ିଙ୍କୁ ବେଶ୍ ପ୍ରଭାବିତ କରିଛି ଏବଂ ଭାଇରାଲ ହେବାରେ ଲାଗିଛି ବୋଲି କହନ୍ତି ଦୀପକ। ଶିବାନୀ ଫିଲ୍ମସ ବ୍ୟାନରରେ ଶିବାନୀ ବେହେରା–ଅଶୋକ ବେହେରାଙ୍କ ପ୍ରଯୋଜିତ ଉକ୍ତ ଫିଲ୍ମର ନିର୍ଦ୍ଦେଶନା ଭାର ତୁଲାଇଛନ୍ତି ପିନୁ ନାୟକ। ଏଥିରେ ଦୀପକଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ପିଙ୍କି ପ୍ରିୟଦର୍ଶିନୀ।


ପିଙ୍କି ପ୍ରିୟଦର୍ଶିନୀ–
ଦୀପକ

# ସତ ହେଲା ଅନୁମାନ

'ଶାହୋ' ଚଳଚ୍ଚିତ୍ର ଏବେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ସାଜିଛି। ଫିଲ୍ମଟି ରିଲିଜ ହେବା ପୂର୍ବରୁ ଏହା ଅଳ୍ପ ଦିନରେ ରେକର୍ଡ ସୃଷ୍ଟି କରିବ ବୋଲି ଅନେକ ସିନେ ସମୀକ୍ଷକ ଆକଳନ କରିଥିଲେ। ଏପରି କି ନାୟକ ପ୍ରଭାସ, ନାୟିକା ଶ୍ରଦ୍ଧା କପୁର ଏବଂ ନିର୍ଦ୍ଦେଶକ ସୁଜିତ ମଧ୍ୟ ଫିଲ୍ମଟି ଦର୍ଶକଙ୍କୁ ଶତ ପ୍ରତିଶତ ଏଣ୍ଟରଟେନ କରିବ ବୋଲି ଦୃଢ଼ ବିଶ୍ୱାସ ରଖିଥିଲେ। ଶେଷରେ ସେହି ଅନୁମାନ ସତରେ ପରିଣତ ହୋଇଛି। ରିଲିଜ ହେବାର ମାତ୍ର ଦିନ କେଇଟାରେ ଦର୍ଶକ ଏହାକୁ ପ୍ରଶଂସା କରିଚାଲିଛନ୍ତି। ସମଗ୍ର ବିଶ୍ୱରେ ଏହା ଅଳ୍ପ ଦିନ ମଧ୍ୟରେ ୩୦୦କୋଟି ଇନକମ୍ କରି ରେକର୍ଡ ସୃଷ୍ଟି କରିଛି। ବିଶେଷଭାବରେ ଦକ୍ଷିଣ ଏବଂ ଉତ୍ତର ଭାରତରେ ଏହି ଫିଲ୍ମଟି ହାଉସଫୁଲ୍‌ରେ ଚାଲିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଫିଲ୍ମଟିର ସଫଳତା ସମ୍ପର୍କରେ ପ୍ରଭାସ କହନ୍ତି, 'ଏହି ବିଗ୍ ବଜେଟ୍ ଫିଲ୍ମର କାହାଣୀ ଯେତେବେଳେ ଶୁଣିଲି ସେତେବେଳେ ମୋ ମନରେ ଗୋଟିଏ କଥା ଆସିଥିଲା, ଫିଲ୍ମଟି ନିଶ୍ଚୟ ସୁପରହିଟ୍ ହେବ। ପାଖାପାଖି ୩୫୦ କୋଟି ବ୍ୟୟରେ ନିର୍ମିତ ଏହି ଆକ୍ସନ ଥ୍ରୀଲର ପାଇଁ ବେଶ୍ ପରିଶ୍ରମ କରାଯାଇଛି। ଦର୍ଶକ ଆମ ପରିଶ୍ରମର ମୂଲ୍ୟ ବୁଝିଛନ୍ତି ତାହା ବଡ କଥା। ଫିଲ୍ମଟିକୁ କେତେକ ଦୃଷ୍ଟିରୁ କିଛି ବ୍ୟକ୍ତି ସମାଲୋଚନା କରୁଛନ୍ତି–ତାକୁ ମଧ୍ୟ ଆମେ ଗ୍ରହଣ କରୁଛୁ। କାରଣ ଜଣେ କଳାକାର ଭାବରେ ନିନ୍ଦା–ପ୍ରଶଂସାକୁ ମୁଁ ସମାନ ଦୃଷ୍ଟିରେ ଦେଖିଥାଏ। ଏହି ଫିଲ୍ମ ପାଇଁ ଦର୍ଶକ ଆମକୁ ଯେଉଁ ସ୍ନେହ ଶ୍ରଦ୍ଧା ଦେଇଛନ୍ତି ସେଥିପାଇଁ ସେମାନଙ୍କ ନିକଟରେ ମୁଁ ଚିରଋଣୀ।


ଶ୍ରଦ୍ଧା– ପ୍ରଭାସ

ପ୍ରଥମ ରୋଜଗାର

# ଟ୍ୟୁଶନରୁ ହୋଇଥିଲା ପ୍ରଥମ ରୋଜଗାର

**ଆଦର୍ଶ ଶିକ୍ଷକ ତଥା ସାମାଜିକ କର୍ମୀ ଲଳିତ ନାରାୟଣ ମହାପାତ୍ର ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**



ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ଗୋଡିପଡା ଗାଁରେ ମୋ ଜନ୍ମ। ନନା ଶିକ୍ଷକତା କରୁଥିଲେ। ମୁଁ ଅଷ୍ଟମରେ ପଢିଲାବେଳେ ତାଙ୍କର ବିୟୋଗ ହେଲା। ନନାଙ୍କର ଶୁଦ୍ଧି କ୍ରିୟା ସାଙ୍ଗକୁ ଘର ଚଳାଇବା ଓ ପାଠ ପଢାଇବାକୁ ବୋଉକୁ ଆମ ଜମି ବିକିବାକୁ ପଡିଲା। ବଡ଼ ପୁଅ ଭାବେ ନିଜ ପଢାଖର୍ଚ୍ଚ ଉଠାଇବା ସହ ବୋଉକୁ ସାହାଯ୍ୟ କରିବାକୁ ମୁଁ ଟ୍ୟୁଶନ କରିବା ଆରମ୍ଭ କଲି। ତା'ସହ ଘାସକଟା, ଗାଈ ଜଗିବା, ଘର ଛପର, ଚାଷ କରିବା ଇତ୍ୟାଦି କାମ ବି ମୁଁ କରୁଥିଲି। ଏଥିରୁ ଯାହା ମିଳୁଥିଲା ଦୁଃଖେ କଷ୍ଟେ ପରିବାର ଆମର ଚଳିଯାଉଥିଲା। ଏଥିପାଇଁ ସାଙ୍ଗ ଅଜୟ ବାଘସିଂହ ମୋତେ ଅନେକ ସାହାଯ୍ୟ କରିଥିଲା। ମୋ ସ୍କୁଲ ସାର୍‌ମାନେ ବି ଅନେକ ସହଯୋଗ କରିଥିଲେ। ସ୍କୁଲ ପୂଜା ଚାନ୍ଦାଠୁ ଆରମ୍ଭ କରି ଦଶମ ବୋର୍ଡ ପରୀକ୍ଷା ପାଇଁ ମେସ୍‌ରେ ଯାଇ ରହିଲାବେଳେ ମେସ୍ ଖର୍ଚ୍ଚ ବି ମୋଠୁ ନେଇ ନ ଥିଲେ। ଏଭଳି ଭାବେ ମୋର ସ୍କୁଲ୍ ଓ କଲେଜ ପଢା ସରିଥିଲା। ଅବଶ୍ୟ ନନାଙ୍କ ମୃତ୍ୟୁର ୪ ବର୍ଷ ପରେ ବୋଉର ଚାକିରି ଅର୍ଡର ଆସିଯାଇଥିଲା। କିନ୍ତୁ ଏହି ୪ ବର୍ଷ ଆମକୁ ଚାରିଯୁଗ ପରି ଲାଗିଥିଲା। ଏପଟେ ଗ୍ରାଜୁଏଶନ୍ ପରେ ମୁଁ ମଞ୍ଚେଶ୍ୱରସ୍ଥିତ କ୍ୱାଲିଟି ଆଇସ୍‌କ୍ରିମ୍ ଫ୍ୟାକ୍ଟ୍ରିର ପ୍ରଡକ୍ସନ୍ ଡିପାର୍ଟମେଣ୍ଟରେ କାମ କରିବା ଆରମ୍ଭ କରିଥିଲି। କିଛିଦିନ ପରେ ଅନୁଭବ କଲି ଏହି କାମରେ ବ୍ୟସ୍ତ ରହି ମୁଁ ପାଠ ସବୁ ଭୁଲି ଯାଉଛି। ତେଣୁ ସେ ଚାକିରି ଛାଡି ଖୋର୍ଦ୍ଧା ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଶିକ୍ଷକ ରୂପେ ଯୋଗ ଦେଲି। ଏହାସହିତ ନୂଆ ଭାବେ ଖୋଲିଥିବା କୁହୁଡି ସରସ୍ୱତୀ ଶିଶୁ ମନ୍ଦିରର ପ୍ରଥମ ପ୍ରଧାନ ଆଚାର୍ଯ୍ୟର ଦାୟିତ୍ୱ ନେଲି। ସକାଳେ କୁହୁଡି ଓ ୧୦ଟାବେଳେ ଖୋର୍ଦ୍ଧା, ଭାରି କଷ୍ଟସାଧ ଥିଲା ସେ ସମୟ। ତେଣୁ ବାଧ ହୋଇ କୁହୁଡି ଛାଡି ଖୋର୍ଦ୍ଧା ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଆଚାର୍ଯ୍ୟ ଭାବେ କାମ କଲି। ଏଠି କାମ କରିବା ଭିତରେ ଅନେକ ବୁଦ୍ଧିଜୀବୀଙ୍କ ସଂସ୍ପର୍ଶରେ ଆସିଲି, ଅଭିଭାବକଙ୍କ ଆସ୍ଥା ଭାଜନ ହେଲି, ଛାତ୍ରୀଛାତ୍ର ଭଲ ରେଜଲ୍ଟ କଲେ, ଖେଳ ଓ ସାଂସ୍କୃତିକ କ୍ଷେତ୍ରରେ ସ୍କୁଲ୍‌ର ଭଲ ନାଁ ବି ହେଲା। କିନ୍ତୁ ପରିଚାଳନାଗତ ତ୍ରୁଟି ଯୋଗୁ ଉକ୍ତ ବିଦ୍ୟାଳୟର ଭବିଷ୍ୟତ ଅନିଶ୍ଚିତତା ଭିତରେ ଗତି କରିବାର ଲକ୍ଷ୍ୟ କରି ମୁଁ ଖୋର୍ଦ୍ଧା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆଚାର୍ଯ୍ୟ ରୂପେ ଯୋଗ ଦେଲି। ଏଠାରେ ବହୁ ବର୍ଷ ରହିବା ଭିତରେ ବିଭିନ୍ନ ବିଭାଗରେ ପ୍ରମୁଖ ଦାୟିତ୍ୱ ନେଇ ଓ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଇ ନିଜର ଦକ୍ଷତା ବୃଦ୍ଧି କରାଇଥିଲି। ଏହାପରେ ୨୦୦୭ରେ ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ ରସୁଲପୁର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ସହାୟକ ରୂପେ ସରକାରୀ ଚାକିରିରେ ଯୋଗ ଦେଲି। ସେତେବେଳେ ଏହି ବିଦ୍ୟାଳୟଟି ଜଣେ ବ୍ୟକ୍ତିଙ୍କ ବାରଣ୍ଡାରେ ଚାଲୁଥିଲା। ୧ଟି କାଠ କଳାପଟା, ୨ଟି ଚୌକି, ୧ଟି ଛୋଟ ଟ୍ରଙ୍କ ରଖି ଛାତ୍ରୀଛାତ୍ରଙ୍କୁ ସେଠାରେ ପଢାଯାଉଥିଲା। ବର୍ଷା ହେଲେ ବାଧ୍ୟରେ ବିଦ୍ୟାଳୟକୁ ବନ୍ଦ କରି ଦିଆଯାଉଥିଲା ଏବଂ ସେହି ବ୍ୟକ୍ତିଙ୍କ ଘରେ ହିଁ ମଧ୍ୟାହ୍ନ ଭୋଜନ ହେଉଥିଲା। ଏହାଦେଖି ମୋତେ ଖୁବ୍ ବ୍ୟାକୁଳ ଲାଗୁଥିଲା। ଯୋଗକୁ ୨ବର୍ଷ ପରେ ମୋତେ ଉକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକର ଦାୟିତ୍ୱ ମିଳିଲା। ୨୦୦୯ରୁ ୨୦୧୧ ପର୍ଯ୍ୟନ୍ତ ଏକାକୀ ଶିକ୍ଷକ ଭାବେ ବହୁ ପରିଶ୍ରମ କରି ସରକାରୀ ଅନୁଦାନ ଓ କମିଟି ସଦସ୍ୟଙ୍କ ସହଯୋଗରେ ଉକ୍ତ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ କରିଥିଲି। ଫଳରେ ବ୍ଲକ୍ ସ୍ତରରେ ସେହି ସ୍କୁଲ୍‌କୁ ସ୍ୱତନ୍ତ୍ର ପରିଚୟ ମିଳିଥିଲା। ସରକାରୀ ସ୍ତରରେ ବି ମୋ କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଗଲା। ୨୦୧୮ ପର୍ଯ୍ୟନ୍ତ ଏ ସ୍କୁଲ୍‌ରେ ରହିବା ପରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ(ସିଆର୍‌ସିସି)ପଦବୀ ପାଇଁ ବ୍ଲକ୍ ସ୍ତରରେ ମୋ ନାଁକୁ ସୁପାରିସ କରାଗଲା। ଫଳରେ ଖୋର୍ଦ୍ଧା ଜିଲା ପ୍ରକଳ୍ପ ସଂଯୋଜକ କାର୍ଯ୍ୟାଳୟରେ ଭିଜିନିଂ ଟେଷ୍ଟ ଦେଇ କୃତକାର୍ଯ୍ୟ ହେଲି ଆଉ ଲକ୍ଷ୍ମୀଧରପୁର ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟ, କୁହୁଡି କ୍ଲଷ୍ଟରରେ ସିଆରସିସି ରୂପେ ଯୋଗ ଦେଇ ଅଦ୍ୟାବଧି ଏଠାରେ କାର୍ଯ୍ୟ କରୁଅଛି। ତା'ସହିତ ନୂତନ ପେନ୍‌ସନଭୁକ୍ତ ଶିକ୍ଷକ ସଂଗଠନ, ଟାଙ୍ଗୀ ବ୍ଲକର ଉପ-ସଭାପତି ଓ ଏକ ସ୍ୱେଚ୍ଛାସେବୀ ସଂଗଠନର ଜିଲାସ୍ତରରେ ପ୍ରମୁଖ ଦାୟିତ୍ୱ ମଧ୍ୟ ମୁଁ ତୁଲାଉଅଛି। ଶିକ୍ଷକତା କରିବା ମୋର ପସନ୍ଦ। ମୋ ମତରେ ଏହା ହେଉଛି ଏକ ଈଶ୍ୱରୀୟ କାର୍ଯ୍ୟ। ତେଣୁ ମୁଁ ସବୁବେଳେ ମୋ ସ୍କୁଲ ଓ ଛାତ୍ରୀଛାତ୍ରଙ୍କ ମଙ୍ଗଳ ପାଇଁ ତତ୍ପର ଥାଏ।

**-ଅନ୍ୱିତା**

# ସପନ ଅଧାକୁ କାହାଣୀ ଅଧା, କେବେ ଆସିବ ମୋ ମନର ରାଧା

**ପ୍ରଶ୍ନ-**ଥରେ ଏକ ସୁନ୍ଦରୀ ମୋ ସ୍ୱପ୍ନରେ ଆସିଲା। ତାକୁ ନେଇ ବେଶ୍ କିଛି ଦିନ ମୁଁ ରଙ୍ଗିନ ସ୍ୱପ୍ନ ଦେଖିଲି। ହେଲେ ଯେତେବେଳେ ବାସ୍ତବତାକୁ ଆସିଲି ଜାଣିଲି ଯେ ତାହା ସ୍ୱପ୍ନ ଥିଲା। ହେଲେ ସେହି ସୁନ୍ଦରୀ ତରୁଣୀ ପ୍ରେମରେ ମୁଁ ପଡିଯାଇଛି। ଏବେ କ'ଣ କରିବି ?

-ଉତ୍ତମ କୁମାର, ବାଲେଶ୍ୱର

**ଉତ୍ତର:** ସ୍ୱପ୍ନ ଆଉ ବାସ୍ତବତା-ଏ ଦୁଇଟି ଭିନ୍ନ ଭିନ୍ନ ଜିନିଷ। ସ୍ୱପ୍ନକୁ ବାସ୍ତବତା ଭାବି ଖୁସିରେ ଉଚ୍ଛୁଳି ଉଠିଲେ ତାହା କ୍ଷଣସ୍ଥାୟୀ। ଯେଉଁ ସୁନ୍ଦରୀକୁ ସ୍ୱପ୍ନରେ ଦେଖି ଆପଣ ଏତେ ପାଗଳ ତାକୁ ବାସ୍ତବରେ ଖୋଜିବାକୁ ଚେଷ୍ଟା କରନ୍ତୁ। କାରଣ ସ୍ୱପ୍ନକୁ ଆଶ୍ରା କରି ରହିଲେ ଆପଣଙ୍କ ଆଶା ସେମିତି ଅଧୁରା ହୋଇ ରହିଥିବ। 'ସପନ ଅଧାକୁ କାହାଣୀ ଅଧା, କେବେ ଆସିବ ମୋ ମନର ରାଧା।' ବାସ୍, ରାଧା ସନ୍ଧାନରେ ବାହାରି ପଡନ୍ତୁ। ମନଲାଖି ରାଧାଟିଏ ମିଳିଗଲେ ତା'ପରେ ଜାଣି ନିଅନ୍ତୁ ସୋନେ ପେ ସୁହାଗା।

**ପ୍ରଶ୍ନ-**ପ୍ରଥମେ ଯେତେବେଳେ ପ୍ରେମ କଲି ସେତେବେଳେ ଭାରି ଖୁସି ଲାଗୁଥିଲା, ଏବେ ମୋ ପ୍ରେମିକାର କ'ଣ ହୋଇଛି କେଜାଣି ସେ ମୋତେ ଦେଖିଲେ ମୁହଁ ମୋଡି ଚାଲି ଯାଉଛି। ସେ ଏମିତି କାହିଁକି କଲା ?

-ଦେବେନ୍ଦ୍ର ସାହୁ, ସୋନପୁର

**ଉତ୍ତର:** ପ୍ରେମିକା ଚଏସ ସମୟରେ ବୋଧହୁଏ ଟିକେ ଭୁଲ୍ ରହିଯାଇଛି। ସେହି ଝିଅର ମନର ଭାଷାକୁ ପଢ଼ିବାରେ ଆପଣ କେଉଁଠି ଭୁଲ୍ କରିଦେଇଛନ୍ତି। ଆଜିକାଲି ଭରସାଯୋଗ୍ୟ ପ୍ରେମିକାଟିଏ ପାଇବା ଏତେ ସହଜ ନୁହେଁ। କିଏ ହସିଦେଲା, ଆଉ ତା' ହସରେ ବାଇଆ ହୋଇ ପ୍ରେମ ସାଗରରେ ଭାସିଗଲେ କିଛି ଲାଭ ନାହିଁ। ସେ ଝିଅ ଯଦି ଆପଣଙ୍କୁ ପ୍ରକୃତରେ ମନପ୍ରାଣ ଦେଇ ଭଲ ପାଉଥାଆନ୍ତା ତେବେ ଅଧା ବାଟରେ ଏମିତି ପରିସ୍ଥିତି ସୃଷ୍ଟି କରି ନ ଥାନ୍ତା। ଯଦି ଆପଣଙ୍କ ପ୍ରେମର ପାଣିପାଗ ଠିକ୍ ଠାକ୍ ଲାଗୁଛି ତେବେ ଡେରି ନ କରି ଚ୍ୟାନେଲ ବଦଳାଇ ଦିଅନ୍ତୁ ନା !

**ପ୍ରଶ୍ନ-**ପ୍ରଥମେ ପ୍ରଥମେ ପ୍ରେମ କରିବାକୁ ଡର ଲାଗେ କାହିଁକି ?

-ସୁକାନ୍ତ ନାୟକ, ପୁରୀ

**ଉତ୍ତର:** ପ୍ରେମର ପହିଲି ସ୍ପର୍ଶରେ ମନ ପୁଲକିତ ହୋଇଉଠେ। ଏହି ସମୟରେ କେତେକେ ମନ ଦୃଢ଼ କରି ଆଗକୁ ଆଗେଇ ଥାଆନ୍ତି। ଆଉ କେତେକେ ଆଗକୁ ଯିବେ ନା କ'ଣ କରିବେ କିଛି ସ୍ଥିର କରି ପାରି ନ ଥାନ୍ତି। ପ୍ରଥମ ପ୍ରେମରେ ମନରେ ଟିକେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ହେଲେ ଯଦି ନିଜ ଉପରେ ଆଉ ନିଜ ପ୍ରେମିକା ଉପରେ ପରମାନେଣ୍ଟ ଭରସା ରହିଛି ତେବେ ସେହି ପ୍ରେମରେ କିନ୍ତୁ, ଯଦି ପରି ଶବ୍ଦର ସ୍ଥାନ ନାହିଁ। ମନୋବଳ ଦୃଢ଼ କରି ଆଗାନ୍ତୁ। ଦେଖିବେ ଧୀରେ ଧୀରେ ଆପଣଙ୍କ ମନରୁ ଭୟ ଆପେ ଆପେ ଅପସରି ଯିବ।


**ପ୍ରଶ୍ନ-**କେଉଁ ଋତୁରେ ପ୍ରେମ କଲେ ଭାରି ମଜା ଲାଗେ ?

-ଅସୀତ ନାୟକ, କେନ୍ଦ୍ରାପଡା

**ଉତ୍ତର:** ପ୍ରେମ ପୁଣି ଋତୁ ! ପ୍ରେମର ସ୍ୱାଦ ସବୁ ଋତୁ ସମାନ। ହେଲେ ପ୍ରେମ କରୁଥିବା ପ୍ରେମୀଯୁଗଳଙ୍କ ପରିବେଶ ଯଦି ଭାଇରସ ଫ୍ରି ରହେ ତେବେ ପ୍ରେମର ଅସଲ ମଜା ସବୁ ଋତୁରେ ଆପଣ ପାଇପାରିବେ। ତେଣୁ ଯଦି ପ୍ରେମ କରୁଛନ୍ତି ତେବେ ଋତୁ କଥା କାହିଁକି ଚିନ୍ତା କରୁଛନ୍ତି, ସବୁବେଳେ ପ୍ରେମ ଆଉ ପ୍ରେମିକା କଥା ଚିନ୍ତା କରନ୍ତୁ। ତା'ପରେ ଆପଣଙ୍କ ମନ କେତେ ପ୍ରଫୁଲ୍ଲ ରହିବ ଆଉ ପ୍ରେମ ଆକାଶରେ ରକେଟ୍ ପରି ଉଡି ବୁଲିବ ତାହା ନିଜେ ଜାଣିପାରିବେ।

ସାଥୀ







ଘର, ଅଫିସ୍ ହେଉ କି ଶପିଂମଲ୍ ସବୁଠି ଥାଏ ଶୌଚାଳୟ। ବେଶ୍ ବ୍ୟକ୍ତିଗତ ଏହି ସ୍ଥାନ। ତେବେ ପୃଥିବୀରେ ଏମିତି ବି କିଛି ଶୌଚାଳୟ ଅଛି ଯାହା ବେଶ୍ କୌତୂହଳମୟ। କେଉଁଠି ଆପଣଙ୍କୁ କେହି ଚାହୁଁଥିବା ଭଳି ଅନୁଭବ ହେବ ତ କେଉଁଠି ଫୁଲ ବଗିଚାରେ ଥିବା ଭଳି ଲାଗିବ...

# ଅଭିନବ ଶୌଚାଳୟ

**ଇସ୍...ଦେଖୁଛନ୍ତି ଝିଅମାନେ–** ଶୌଚାଳୟ ସମ୍ପୂର୍ଣ୍ଣ ଭାବେ ଏକ ବ୍ୟକ୍ତିଗତ ସ୍ଥାନ। ତେବେ ନ୍ୟୁଜିଲାଣ୍ଡ, କୁଇନ୍ସଟାଉନ୍‌ରେ ଥିବା ସୋଫିଟେଲ କୁଇନ୍ସଟାଉନ୍ ହୋଟେଲରେ ଏମିତି ଏକ ଶୌଚାଳୟ ହୋଇଛି ଯାହାର ୟୁରିନାଲ୍ କାନ୍ଥରେ ଝିଅମାନଙ୍କର ଫଟୋ ଓ ମାନେକୁଇନ୍ ଅଛି। ଆଉ ସବୁ ଝିଅ ବିଭିନ୍ନ ଢଙ୍ଗରେ କିଏ କ୍ୟାମେରା ତ କିଏ ବାଇନାକୁଲର୍ ଧରି ଶୌଚ କରୁଥିବା ବ୍ୟକ୍ତିଙ୍କୁ ଚାହୁଁଥିବା ଦେଖିବାକୁ ମିଳନ୍ତି। ତେଣୁ ଅନେକେ ଏହା ମଧ୍ୟରେ ପରିସ୍ରା କରିବାକୁ ଅସହଜ ମନେ କରିଥାଆନ୍ତି। ଆଉ କେହି କେହି ଏହି କୌତୂହଳମୟ ପରିସ୍ଥିତିକୁ ଉପଭୋଗ କରିଥାଆନ୍ତି।

**ଶୌଚାଳୟ ଭିତରୁ ବାହାରକୁ ଦେଖିହେବ କିନ୍ତୁ ବାହାରୁ ଭିତରକୁ ନୁହେଁ–** କାଚବାକ୍ସ ପରି ଦେଖିବାକୁ ଏହି ଶୌଚାଳୟ ଲଣ୍ଡନର ଏକ ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇଥିଲା। ଏହା ମଧ୍ୟରେ ଥାଇ ଜଣେ ରିଲାକ୍ସ ହେବା ସମୟରେ ବାହାରର ଗହଳଚହଳକୁ ଦେଖିପାରିବେ। ଏମିତି ଲାଗିବ ଯେମିତିକି ସେମାନେ ବି ଆପଣଙ୍କୁ ଦେଖିପାରୁଛନ୍ତି। ହେଲେ ବାହାର ଲୋକ ଭିତରକୁ ଦେଖିପାରିବେ ନାହିଁ। କାରଣ ଏହା ୱାନ୍‌ୱେ ମିରର୍‌ରେ ନିର୍ମିତ।

**ଆକ୍ୱାରିୟମ୍ ଟୟଲେଟ୍–** ଜାପାନର ଏହି ଟଏଲେଟ୍ ଏକ ଆକ୍ୱାରିୟମ୍ ପରି। ଏହାର ସିଟ୍, ଫ୍ଲଶ୍ ଓ କାନ୍ଥରେ ବି ଆକ୍ୱାରିୟମ୍ ତିଆରି କରାଯାଇଛି। ସମୁଦ୍ରର ଭ୍ରମ ସୃଷ୍ଟି କରୁଥିବା ଏହି ଟୟଲେଟ୍‌ରେ ସମୟ ବିତାଇବାକୁ ଲୋକେ ବହୁତ ପସନ୍ଦ କରୁଛନ୍ତି।

**ବଗିଚା ପରି ଲାଗିବ ଏହି ଟୟଲେଟ୍–** ଏହି ଟୟଲେଟ୍‌କୁ ପଶିଗଲେ କେଉଁଠି ପରିସ୍ରା କରିବେ ଦ୍ୱନ୍ଦ୍ୱରେ ପଡ଼ିଯିବେ। କାରଣ ଏଠିଥିବା ୟୁରିନାଲ ଫୁଲ ପରି ହୋଇଥାଏ। ବିଭିନ୍ନ ପ୍ରକାରର ରଙ୍ଗବେରଙ୍ଗ ସୁନ୍ଦର ଫୁଲ ଆକୃତିର ୟୁରିନାଲରେ ଅନେକେ ପରିସ୍ରା କରିବାକୁ ବି ସଙ୍କୋଚବୋଧ କରନ୍ତି। ଅନେକଙ୍କୁ ତ ବଗିଚା ଭିତରେ ପରିସ୍ରା କରିବା ଭଳି ଅନୁଭବ ହୁଏ। କ୍ଲାର୍କ ସୋରେନସେନ୍ ଏହି ଟୟଲେଟ୍‌କୁ ଡିଜାଇନ୍ କରିଛନ୍ତି।


**ଟ୍ୟୁବା ଟୟଲେଟ୍–** ସଙ୍ଗୀତକୁ ପସନ୍ଦ କରୁଥିବା ବ୍ୟକ୍ତି ଏହି ଟୟଲେଟ୍‌କୁ ଥରେ ନିଶ୍ଚୟ ଯାଆନ୍ତୁ। ଏହି ଟୟଲେଟ୍‌ର ୟୁରିନାଲଗୁଡିକ ଟ୍ୟୁବା(ଏକ ବାଦ୍ୟଯନ୍ତ୍ର) ପରି। ଏଥିରେ ପରିସ୍ରା କଲେ ସୁନ୍ଦର ଶବ୍ଦ ନିର୍ଗତ ହୁଏ। ଜର୍ମାନୀରେ ଦେଖିବାକୁ ମିଳେ ଉକ୍ତ ଟୟଲେଟ୍।

**ଭୟର ଅନୁଭୂତି ମିଳେ ଏହି ଶୌଚାଳୟରେ–** ମେକ୍ସିକୋରେ ଅଛି ଏହି ଶୌଚାଳୟ, ଯାହାକି ୧୫ ମହଲାର ଏଲିଭେଟର୍ ଶାଫ୍ଟ ଉପରେ ନିର୍ମିତ। ଶୌଚାଳୟର ଚଟାଣ କାଚରେ ତିଆରି। ଫଳରେ ତଳଭାଗରେ ଥିବା ଏଲିଭେଟର୍‌ର ତଳଭାଗ ତଥା ୧୫ ମହଲାବିଶିଷ୍ଟ ଗଭିରତାକୁ ଦେଖିହୁଏ। ତେଣୁ ତଳକୁ ଦେଖିଲେ ପଡିଗଲା ଭଳି ଭୟ ଅନୁଭୂତ ହୋଇଥାଏ।









## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ଚନ୍ଦନ

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ

## ହାଃ ହାଃ

### ମୋଟୀ ଝିଅ

ଶିକ୍ଷକ ଗୋଲୁକୁ- ଗୋଟିଏ ମୋଟୀ ଝିଅ ଫେରିକି ଆସୁଛି। ଏହାକୁ ଇଂଲିଶରେ କ'ଣ କୁହାଯିବ?
ଗୋଲୁ- ଗୋଲ୍ ମାଲ୍ ରିଟର୍ନ୍ସ।

### ସୁଖଶାନ୍ତି


ଜଣେ ମହିଳା ପଣ୍ଡିତଙ୍କୁ- ବାବା, ଆମଘରେ ସବୁବେଳେ ଅଶାନ୍ତି ଲାଗି ରହୁଛି। କେଉଁ ବ୍ରତ କଲେ ଶାନ୍ତି ଆସିବ ଦୟାକରି କୁହନ୍ତୁ।
ପଣ୍ଡିତ- ମଉନ ବ୍ରତ।

### ପ୍ଲେନ୍

ଗୋପୀ ଶାର୍ଟ କିଣିବାକୁ ଯାଇଥାଏ। ଦୋକାନୀକୁ- ଭଲ ଶାର୍ଟ ଦେଖେଇଲ।
ଦୋକାନୀ- ପ୍ଲେନ୍‌ରେ ଦେଖେଇବି?
ଗୋପୀ(ରାଗିକି)- ନାଇଁ, ହେଲିକପ୍ଟରରେ ଦେଖା। ମତେ ବୋକା ଭାବି ଥଟ୍ଟା କରୁଛୁ।



# ଧାର୍ମିକ ପର୍ଯ୍ୟଟନସ୍ଥଳୀ
# ଐହୋଲ



**କର୍ନାଟକସ୍ଥିତ ଏକ ଧାର୍ମିକ ପର୍ଯ୍ୟଟନସ୍ଥଳୀ ଭାବେ ଐହୋଲର ବେଶ୍ ନାଁ ରହିଛି। ଏଠାରେ ବହୁ ପ୍ରାଚୀନ ଗୁମ୍ଫା, ମନ୍ଦିର ଓ ମଠ ଇତ୍ୟାଦି ଦେଖିବାକୁ ମିଳିଥାଏ। ଖାସ୍ ସେଥିପାଇଁ ପ୍ରାଚୀନ କଳା ତଥା କାରୁକାର୍ଯ୍ୟ ପ୍ରତି ରୁଚି ଥିବା ପର୍ଯ୍ୟଟକଙ୍କର ଏଠାରେ ବେଶ୍ ଭିଡ଼ ପରିଲକ୍ଷିତ ହୋଇଥାଏ...**

କର୍ନାଟକ ବହୁ ପ୍ରାଚୀନ ସମ୍ପଦରେ ପରିପୂର୍ଣ୍ଣ। ଇତିହାସ ସହ ଜଡ଼ିତ ଥିବା ଅନେକ ଅଦ୍ୱିତୀୟ ସଂରଚନାର ପ୍ରାରମ୍ଭିକ ରୂପକୁ ଏଠାରେ ଦେଖିବାକୁ ମିଳିଥାଏ। ଖାସ୍ କରି ଏଠାରେ ଥିବା ଐହୋଲ ନାମକ ଏକ ସ୍ଥାନ ଏ ସବୁର ଗନ୍ତାଘର। ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ସ୍ଥାନରେ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଅଛି ପ୍ରାଚୀନ ମନ୍ଦିର, ଗୁମ୍ଫା ତଥା ମଠ। ରକ୍ କଟ୍ ଶୈଳୀରେ ନିର୍ମିତ ହୋଇଥିବା ଏହି ମନ୍ଦିରଗୁଡ଼ିକ ଖୁବ୍ ଆକର୍ଷଣୀୟ ଲାଗିଥାଏ। ତେଣୁ ବର୍ଷକ ବାରମାସ ଏଠାକୁ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ।


### କେବେ ଓ କେମିତି ଯିବେ

ବର୍ଷର ଯେକୌଣସି ସମୟରେ ଏଠାକୁ ବୁଲି ଯାଇହେବ। ତେବେ ବର୍ଷାଦିନ ବ୍ୟତୀତ ଅନ୍ୟଦିନେ ଏଠାକୁ ଗଲେ ବୁଲାବୁଲି କରିବାରେ ଆରାମ ଲାଗିଥାଏ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ମଧ୍ୟ ଭଲ ବ୍ୟବସ୍ଥା ରହିଛି। ବେଲଗାଭି ଏୟାରପୋର୍ଟ ହେଉଛି ଏହାର ନିକଟତମ ବିମାନବନ୍ଦର, ଯେଉଁଠାରୁ ମାତ୍ର ୪ ଘଣ୍ଟାର ରାସ୍ତା ହେଉଛି ଐହୋଲ। ପ୍ରତିଦିନ ମୁମ୍ବାଇ, ବାଙ୍ଗାଲୋର ତଥା ମାଡ୍ରାସରୁ ନିୟମିତ ବ୍ୟବଧାନରେ ଏହି ବିମାନବନ୍ଦରକୁ ବିମାନ ଚଳାଚଳ କରିଥାଏ। ସେହିପରି ବଦାମୀ ରେଲୱେ ଷ୍ଟେଶନ ଐହୋଲର ନିକଟବର୍ତ୍ତୀ ରେଲଷ୍ଟେଶନ। ତା'ଛଡ଼ା ବସ୍ ଯୋଗେ ବି ଏଠାକୁ ଯାଇହେବ।

### କ'ଣ ଦେଖିବେ

ଐହୋଲ୍‌ରେ ବହୁ ପ୍ରାଚୀନ ହିନ୍ଦୁ ମନ୍ଦିର, ଜୈନ ମନ୍ଦିର ତଥା ବୌଦ୍ଧ ସ୍ମାରକୀ ଇତ୍ୟାଦି ଦେଖିବାକୁ ମିଳିଥାଏ। ଖାସ୍ କରି ହିନ୍ଦୁ ମନ୍ଦିର ମଧ୍ୟରେ ଭଗବାନ ଶିବ, ବିଷ୍ଣୁ, ସୂର୍ଯ୍ୟ, ମା' ଦୁର୍ଗା ତଥା ଆହୁରି ଅନେକ ଦେବଦେବୀଙ୍କ ମନ୍ଦିର ଏଠାରେ ରହିଛି।

**ମା' ଦୁର୍ଗା ମନ୍ଦିର:** ଐହୋଲରେ ରକ୍ କଟ୍ ଶୈଳୀରେ ନିର୍ମିତ ସମସ୍ତ ମନ୍ଦିର ମଧ୍ୟରୁ ମା' ଦୁର୍ଗାଙ୍କ ମନ୍ଦିରଟି ଖୁବ୍ ଆକର୍ଷଣୀୟ। ସୂଚନାନୁଯାୟୀ, ଆଜକୁ ପ୍ରାୟ ଶତାଧିକ ବର୍ଷ ତଳେ ନିର୍ମିତ ଏହି ମନ୍ଦିରଟି ଏବେ ବି ଏଠାରେ ଦଣ୍ଡାୟମାନ। ଏଥିରୁ ଅନୁମାନ କରିହୁଏ, ମନ୍ଦିରଟିକୁ କେତେ ଦୃଢ଼ ଭାବେ ନିର୍ମାଣ କରାଯାଇଥିଲା। ମା' ଦୁର୍ଗାଙ୍କୁ ସମର୍ପିତ ଏହି ମନ୍ଦିରଟିର ନାମକରଣକୁ ନେଇ ମଧ୍ୟ ଅନେକ ଲୋକକଥା ଶୁଣିବାକୁ ମିଳିଥାଏ। କେହି କେହି କୁହନ୍ତି, ମା' ଦୁର୍ଗାଙ୍କ ପାଇଁ ଏହାର ନାମ ଦୁର୍ଗା ମନ୍ଦିର ରଖାଯାଇଛି ତ ଆଉ କେହି କୁହନ୍ତି, ପୂର୍ବେ ମନ୍ଦିର ନିକଟରେ ଏକ ଦୁର୍ଗ ଥିଲା, ତେଣୁ ସେହି ଅନୁସାରେ ଏଠାରେ ଏକ ମନ୍ଦିର ନିର୍ମାଣ କରାଯାଇ ତା'ର ନାମ ଦୁର୍ଗା ମନ୍ଦିର ରଖାଗଲା।





**ରାବଣ ଫଦି ଗୁମ୍ଫା:** ଭଗବାନ ଶିବଙ୍କୁ ସମର୍ପିତ ଏହା ଏକ ରକ୍ କଟ୍ ଗୁମ୍ଫା ମନ୍ଦିର। ପାହାଡ଼କୁ କାଟି ଗୁମ୍ଫା କରି ତା'ମଧ୍ୟରେ ଏହି ମନ୍ଦିର ନିର୍ମାଣ କରାଯାଇଛି। ସେଥିପାଇଁ ଏହି ମନ୍ଦିରଟି ଟିକେ ଉଚ୍ଚରେ ରହିଛି। ପର୍ଯ୍ୟଟକଙ୍କୁ ସ୍ୱତନ୍ତ୍ର ଶିଡ଼ି ସାହାଯ୍ୟରେ ଏହି ମନ୍ଦିର ମଧ୍ୟକୁ ଯିବାକୁ ହୋଇଥାଏ।

**ଜ୍ୟୋତିର୍ଲିଙ୍ଗ ମନ୍ଦିର:** ରାବଣ ଫଦି ଗୁମ୍ଫାଠାରୁ ମାତ୍ର ଅଳ୍ପଦୂରରେ ରହିଛି ଅନ୍ୟ ଏକ ମନ୍ଦିର, ଯାହା ଜ୍ୟୋତିର୍ଲିଙ୍ଗ ମନ୍ଦିର ଭାବେ ଜଣାଶୁଣା। ଏଠାରେ କେବଳ ଦେବ ଦେବ ମହାଦେବଙ୍କୁ ନୁହେଁ, ମାତା ପାର୍ବତୀ, ପ୍ରଭୁ କାର୍ତ୍ତିକ ଓ ଗଣେଶଙ୍କୁ ମଧ୍ୟ ପୂଜାର୍ଚ୍ଚନା କରାଯାଇଥାଏ।


କେବଳ ଏତିକି ନୁହେଁ, ଐହୋଲରେ ଆହୁରି ଅନେକ ଏମିତି ପ୍ରାଚୀନ ମନ୍ଦିର ଓ ମଠ ମଧ୍ୟ ରହିଛି। ଯେମିତିକି ହୁଚ୍‌ହାପ୍ପାୟା ମଠ, ହୁଚ୍‌ହାପ୍ପାୟା ଗୁଡ଼ି, ଅମ୍ବିଗର୍‌ଗୁଡ଼ି ମନ୍ଦିର, ମଲ୍ଲିକାର୍ଜୁନ ମନ୍ଦିର, ରାମାଲିଙ୍ଗା ମନ୍ଦିର, ଭେନିୟାର୍ ମନ୍ଦିର, ଗଲଗାନାଥ ମନ୍ଦିର, ମଦ୍ଦିନ ମନ୍ଦିର, ତ୍ରିୟମ୍ବକେଶ୍ୱର ମନ୍ଦିର, କୁନ୍ତିଗୁଡ଼ି ମନ୍ଦିର ଇତ୍ୟାଦି ଅନ୍ୟତମ। ସେହିପରି ଅନେକ ପ୍ରାଚୀନ ଜୈନ ମନ୍ଦିର ଓ ବୌଦ୍ଧ ସ୍ମାରକୀ ବି ଏଠାରେ ଦେଖିବାକୁ ମିଳିଥାଏ।













# ଡାକ୍ତରାଣୀଙ୍କ ଟାଟୁ ନିଶା

ଟାଟୁର କ୍ରେଜ୍ ଯୁବପିଢିଙ୍କୁ ଅତିକ୍ରମ କରି ବୟସ୍କଙ୍କୁ ଘାରି ସାରିଛି। କେବଳ ସେତିକି ନୁହେଁ ଏବେ ଏଭଳି ବୃତ୍ତିର ଲୋକଙ୍କୁ ବି ଏହି ନିଶା ଘାରିଛି ଯେଉଁମାନେ ବେଶ୍ ସାଦାସିଧା ରୁହନ୍ତି, ଯେମିତିକି ଡାକ୍ତର। ନିକଟରେ ଜଣେ ମହିଳା ଡାକ୍ତର ନିଜ ଶରୀର ସାରା ଟାଟୁ କରାଇ ପୃଥିବୀର ସବୁଠାରୁ ଅଧିକ ଟାଟୁ କରିଥିବା ଡାକ୍ତରଭାବେ ରେକର୍ଡ କରିଛନ୍ତି। ଅଷ୍ଟ୍ରେଲିଆ, ଆଡିଲେଡ୍‌ର ୩୦ ବର୍ଷୀୟା ଡା. ସାରା ଗ୍ରେ ହେଉଛନ୍ତି ଏହି ଡାକ୍ତର। ୧୬ ବର୍ଷ ବୟସର ହୋଇଥିବାବେଳେ ସେ ଶରୀରରେ ପ୍ରଥମ ଟାଟୁ କରାଇଥିଲେ। ତାଙ୍କ ମତରେ ଆଗରୁ ସେ ଶପିଂ ମଲ୍‌କୁ ଯାଆନ୍ତୁ କି ରେଷ୍ଟୁରାଣ୍ଟ କେଉଁଠି ବି ତାଙ୍କୁ ଏତେ ଦୃଷ୍ଟି ଦିଆଯାଉ ନ ଥିଲା। ତେଣୁ ସେ ନିଷ୍ପତ୍ତି ନେଲେ କିଛି ଭିନ୍ନ ହେବେ ଯେମିତିକି ସମସ୍ତଙ୍କ ନଜର ତାଙ୍କ ଆଡକୁ ଆସିବ। ଆଉ ସେ ତାଙ୍କ ଶରୀରକୁ ରଙ୍ଗବେରଙ୍ଗର ଟାଟୁରେ ପରିପୂର୍ଣ୍ଣ କରିଦେଲେ। ଯଦିଓ ଏଥିପାଇଁ ତାଙ୍କୁ ଅନେକ ସମାଲୋଚନା ବି କରାଯାଇଛି। ହେଲେ ସେ ଏହାକୁ ଭ୍ରୂକ୍ଷେପ କରିନାହାନ୍ତି।

## କାର୍ଟୁନ କର୍ନର





# ରତି-ପ୍ରମିଳାଙ୍କ ସଫଳ ଯାତ୍ରା

ଯୋଡ଼ି ଗଢ଼ିବା ମଣିଷ ହାତରେ ନ ଥାଏ। ଥାଏ ବିଧାତାଙ୍କ ହାତରେ। ସେଇଥିପାଇଁ ତ ବର୍ଷ ପରେ ବର୍ଷ ସିନା ବିତି ଯାଉଥାଏ। ହେଲେ ଯୋଡ଼ିର ଚମକ କମୁ ନ ଥାଏ। ଯାତ୍ରା ଜଗତର ସେମିତି ଏକ ଯୋଡ଼ି ହେଉଛନ୍ତି ରତି–ପ୍ରମିଳା। ଦୀର୍ଘ ଦୁଇ ଦଶନ୍ଧିରୁ ଅଧିକ ହେବ ଏହି ଯୋଡ଼ି ଯାଲିଉଡ୍‌ରେ ସେମାନଙ୍କର ଜଲୱା ଦେଖେଇ ଚାଲିଛନ୍ତି। ଦିନକୁଦିନ ସେମାନଙ୍କର ଚମକ ବଢୁଛି ସିନା ଫିକା ପଡ଼ିବାର ନାଁ ଧରୁନି। ଦର୍ଶକମାନେ ଏହି ଯୋଡ଼ିକୁ ସେମାନଙ୍କର ଅତି ଆପଣାର ଯୋଡ଼ି ଭାବରେ ଗ୍ରହଣ କରି ନେଇଛନ୍ତି। ପୂର୍ବରୁ ମୁଖ୍ୟତଃ ନାୟକ ନାୟିକା ଭାବରେ ଅବତୀର୍ଣ୍ଣ ହେଉଥିବା ବେଳେ ଏବେ ଏହି ଯୋଡ଼ି ମଞ୍ଚ ଉପରେ ବାପାମା' ଭାବରେ ଦେଖା ଦେଉଛନ୍ତି। ରତିକାନ୍ତ ଲେଙ୍କା ଓ ତାଙ୍କର ଅଭିନେତ୍ରୀ ପତ୍ନୀ ପ୍ରମିଳା ଲେଙ୍କା ଇତିମଧ୍ୟରେ ଯାଲିଉଡ୍‌ରେ ବହୁ ପଥ ଅତିକ୍ରମ କରି ସାରିଲେଣି। 'ବାଣେଶ୍ୱରୀ', 'ଯାତ୍ରା ତ୍ରିରଙ୍ଗା', 'ଦୁର୍ଗାଶ୍ରୀ', 'ଅପେରା ଓମ୍‌ଶ୍ରୀ', 'ତ୍ରିନାଥ ଗଣନାଟ୍ୟ', 'ଇନ୍ଦ୍ରମହଲ' ଆଦି ଅନୁଷ୍ଠାନରେ ନିଜର ଅଭିନୟର ଯାଦୁ ପ୍ରଦର୍ଶନ କରି ଅଶେଷ ପ୍ରଶଂସା ସାଉଣ୍ଟିଛନ୍ତି। 'କଲଗର୍ଲ', 'ବାସନ୍ତୀର ଚିଠି', 'ଚୁପ୍‌ଚାପ୍ ରାତି ଚୁପ୍‌ଚାପ୍ କଥା', 'ଆସିଛି ମଙ୍ଗଳ ଗ୍ରହର ଝିଅ', 'ମୁଁ ତୋର କ'ଣ ହେବି', 'ବାଘମାମୁ', 'ଗୋଟିଏ ଝିଅରେ କୋଟିଏ ତୁ', 'ଗଙ୍ଗା ପାପକଲେ ଧୋଇବ କିଏ', 'ଶ୍ରୀକୃଷ୍ଣ ମୋର ଶେଷସାକ୍ଷୀ', 'ବଡ଼ଲୋକକୁ ଉତ୍ତର ନାହିଁ', 'ଉର୍ବଶୀ ଆସୁଛି ଇନ୍ଦ୍ରମହଲ' ଆଦି ନାଟକରେ ଏହି ଦୁଇ ଯୋଡ଼ିଙ୍କର ରହିଛି ଚମତ୍କାର ଅଭିନୟ। ଭଦ୍ରକର ମାନ୍ତପୁର ଗ୍ରାମରେ ପ୍ରମିଳାଙ୍କ ଜନ୍ମ। ପ୍ରମିଳାଙ୍କର ଦୁଇ ଭଉଣୀ ଥିଲେ ଜଣେ ଜଣେ ସଫଳ ଅଭିନେତ୍ରୀ। ସେମାନଙ୍କ ପ୍ରେରଣାରେ ଅନୁପ୍ରେରିତ ହୋଇ ପ୍ରମିଳା ମାତ୍ର ୧୪ବର୍ଷ ବୟସରେ ଯାତ୍ରାରେ ପାଦ ଥାପିଥିଲେ। ପ୍ରଥମେ ଶିଶୁ କଳାକାର, ପରେପରେ ସାନଭଉଣୀ ଭୂମିକା ଏବଂ ଶେଷରେ ନାୟିକା ଭୂମିକାରୁ ଆସି ଏବେ ମା' ଭୂମିକାରେ ପାଦ ଥାପିଲେଣି ଏହି ଅଭିଜ୍ଞା ଅଭିନେତ୍ରୀ। ବାଲେଶ୍ୱର ପଣପଣା ଗ୍ରାମରେ ଜନ୍ମ ରତିକାନ୍ତଙ୍କର। ଏହି ଦମ୍ପତି ଯାତ୍ରାରେ ଯେତିକି ସଫଳ ପାରିବାରିକ ଜୀବନରେ ମଧ୍ୟ ତା'ଠୁ ବେଶି ସଫଳ। ଗୋଟିଏ କଥାରେ କହିବାକୁ ଗଲେ, ଯାତ୍ରାକୁ ଗୁରୁତ୍ୱ ଦେଇ ସେମାନେ ପରିବାରକୁ ଅବହେଳା କରିନାହାନ୍ତି। ବରଂ ଯାତ୍ରା ସହିତ ପରିବାରକୁ ବେଶ୍ ସମାନ୍ତରାଳ ଭାବରେ ଆଗକୁ ନେଇ ପାରିଛନ୍ତି ଏହି ସଫଳ ଯୋଡ଼ି। ଦୁଇପୁଅ ସମୀର ଓ ଦିବ୍ୟଶେଖରଙ୍କୁ ନେଇ ତାଙ୍କର ସଂସାରର ଗାଡ଼ି ଆଗକୁ ଗଡ଼ିଗଡ଼ି ଚାଲିଛି। ସମ୍ପ୍ରତି ଏହି ସଫଳଯୋଡ଼ି 'ଯାତ୍ରା ସ୍ୱପ୍ନମହଲ'ରେ ନିଜର ଅଭିନୟ ଜାରି ରଖିଛନ୍ତି। 'ସ୍ୱପ୍ନ ମହଲ'ରେ ସେମାନେ ଅଭିନୟ କରୁଥିବା ନାଟକଗୁଡ଼ିକ ମଧ୍ୟରେ ରହିଛି 'ଆପଣମାନେ ଖୁସି ତ', 'ବାପା ବୋଉ ତମେ ଭୁଲକଲ', 'ବାଦଶାହ', 'ସ୍ୱପ୍ନ ମହଲର ସ୍ୱପ୍ନା'।

# ସୂର୍ଯ୍ୟ ଗଣନାଟ୍ୟରୁ ଅପେରା ସୂର୍ଯ୍ୟମନ୍ଦିର

ଓଡ଼ିଆ ଯାତ୍ରା ଜଗତର ଜଣେ ଲୋକପ୍ରିୟ ଅଭିନେତ୍ରୀ ଲିଜା ପଣ୍ଡା। ଜନ୍ମ ଜଗତସିଂହପୁରର ନହରଣା। ବାପା ସୁଧାକର ଶତପଥୀ ଥିଲେ ଜଣେ କଳାକାର। ତାଙ୍କରି ପ୍ରେରଣା ହିଁ ତାଙ୍କୁ ଅଭିନୟ ଜଗତକୁ ଟାଣିଆଣିଲା। ୨୦୦୭ ମସିହାରେ ସେ ପ୍ରଥମେ ଆସିଲେ ଅନୁଗୋଳର 'ସୂର୍ଯ୍ୟ ଗଣନାଟ୍ୟ'କୁ। ଅବଶ୍ୟ ସେ ଯାତ୍ରାକୁ ଆସିବେ ବୋଲି କୌଣସି ସ୍ୱପ୍ନ ଦେଖି ନ ଥିଲେ। ତେବେ ଦିନେ ତାଙ୍କ ଘରେ ଯାଇ ପହଞ୍ଚିଗଲେ ନାଟ୍ୟକାର ମନୋଜ ପଣ୍ଡା ଓ ଖଳନାୟକ ଦିବାକର। ସେତେବେଳେ ନୂଆକରି 'ସୂର୍ଯ୍ୟ ଗଣନାଟ୍ୟ' ଆରମ୍ଭ ହେଉଥାଏ। ସେମାନେ ଲିଜାଙ୍କୁ କହିଲେ 'ସୂର୍ଯ୍ୟ ଗଣନାଟ୍ୟ'ରେ ଯୋଗ ଦେବାକୁ। ଅଭିନୟ ପ୍ରତି ତ ରୁଚିଥିଲା। ପୁଣି ତାଙ୍କ ଦ୍ୱାରା ଭଲ ଅଭିନୟ ବି ହେଉଥିଲା। ବାସ୍, ସେ 'ସୂର୍ଯ୍ୟ ଗଣନାଟ୍ୟ'ରେ ଯୋଗଦେଲେ। ସେଇଠୁ ଚାଲିଛନ୍ତି ଯେ ଏବେ ଆସି ପହଞ୍ଚିନ୍ତି 'ଅପେରା ସୂର୍ଯ୍ୟମନ୍ଦିର'ରେ। ଇତିମଧ୍ୟରେ ଲିଜା ଯାତ୍ରା ଜଗତରେ ୧୨ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତାଇ ସାରିଲେଣି। 'ସୂର୍ଯ୍ୟ ଗଣନାଟ୍ୟ' ପରେ ପରେ ସେ 'ତାରାପୁର', 'ଧଉଳି', 'ପାର୍ବତୀ', 'ବିଶ୍ୱଦରବାର', 'ଗୌରୀ', 'କଳିଙ୍ଗ' ଆଦି ଗଣନାଟ୍ୟରେ ଅଭିନୟ ସାରି ଚଳିତବର୍ଷ ଆସି ପହଞ୍ଚିଛନ୍ତି 'ଅପେରା ସୂର୍ଯ୍ୟମନ୍ଦିର'ରେ। ସେ ଅଭିନୟ କରିଥିବା ସଫଳ ନାଟକଗୁଡ଼ିକ ମଧ୍ୟରେ ରହିଛି 'ଗାନ୍ଧୀ ଫେରୁଛନ୍ତି', 'ଲକ୍ଷେ ଟଙ୍କିଆ ବୋହୂ', 'ବେଶ୍ୟା ପାଳୁଛି ସାବିତ୍ରୀ ବ୍ରତ', 'ମୋ ଠିକଣା ମୋତେ ଅଜଣା', 'ଠିକଣା ହଜିଛି ଜଗା ଭାଇର', 'ମୋତେ ଭୁଲିଯିବୁ ତତେ ମୋ ରାଣ' ଏବଂ ଆହୁରି ଅନେକ। ଚଳିତବର୍ଷ 'ଅପେରା ସୂର୍ଯ୍ୟମନ୍ଦିର'ରେ ତାଙ୍କ ଅଭିନୀତ ନାଟକ ମଧ୍ୟରେ ରହିଛି 'ମାୟାବିନୀ ମୌସୁମୀ', 'କାହାଣୀ କହୁଛି ସୂର୍ଯ୍ୟମନ୍ଦିର', 'ଭିତିରି କଥା' ଏବଂ 'ପ୍ରେମିକାର ନାଁ ଚନ୍ଦ୍ରଭାଗା'।

ଯାତ୍ରା ଜଗତରେ ଲିଜା ଜଣେ ନେଗେଟିଭ୍ ନାୟିକା ଭାବରେ ଜଣାଶୁଣା। ଦର୍ଶକମାନେ ବି ତାଙ୍କୁ ପସନ୍ଦ କରିଛନ୍ତି। ତେବେ ତାଙ୍କର ପସନ୍ଦ ହେଉଛି ପଜିଟିଭ୍ ଭୂମିକା। ଚଳିତ ବର୍ଷ ତାଙ୍କୁ ସେ ସୁଯୋଗ ଦେଇଛନ୍ତି ଲୋକପ୍ରିୟ ନାଟ୍ୟକାର ତଥା ପରିଚାଳକ ବଙ୍କିମ୍ ସ୍ୱାଇଁ। 'ଭିତିରି କଥା' ନାଟକରେ ସେ ସେହିଭଳି ଏକ ପଜିଟିଭ୍ ଭୂମିକାରେ ଆସିଛନ୍ତି ଯେଉଁଥିରେ ତାଙ୍କୁ ତାଙ୍କର ଦକ୍ଷତା ଦେଖେଇବାର ଭରପୂର ସୁଯୋଗ ମିଳିଛି। ଏଥିରେ ତାଙ୍କ ଚରିତ୍ରର ନାଁ ହେଉଛି 'ଦୀପିକା'।



ଲିଜା

# ମାଙ୍କଡ଼ଙ୍କ ପାଇଁ ବୀମା କମ୍ପାନୀ ନାକେଦମ



ବୀମା କମ୍ପାନୀମାନେ ମାଙ୍କଡ଼ଙ୍କ ପାଇଁ ନାକେଦମ ହୋଇ ପଡ଼ିଲେଣି। ଏକଥା ଶୁଣିଲେ ହୁଏତ ଯେ କେହି ବି ଆଶ୍ଚର୍ଯ୍ୟ ଚକିତ ହୋଇପାରେ। ଅବଶ୍ୟ ଏହା ଏଠିକାର କଥା ନୁହେଁ। ବାଲିର ବୀମା କମ୍ପାନୀମାନେ ଏଭଳି ଏକ ଖବର ପ୍ରକାଶ କରିଛନ୍ତି। ସେଠାକାର ପର୍ଯ୍ୟଟନ ସ୍ଥଳଗୁଡିକରେ ମାଙ୍କଡ଼ମାନଙ୍କର ପ୍ରାଦୁର୍ଭାବ ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ପର୍ଯ୍ୟଟକମାନଙ୍କ ଜିନିଷ ପତ୍ର ଛଡ଼େଇ ନେବା ସହିତ ସେଗୁଡ଼ିକୁ ଭାଙ୍ଗି ପକାଉଛନ୍ତି। ବିଶେଷକରି ଅଷ୍ଟ୍ରେଲିଆର ପର୍ଯ୍ୟଟକମାନେ ଏଭଳି ହଇରାଣ ହରକତ ହେଉଛନ୍ତି। ସେତିକିନୁହେଁ ସେମାନେ ସମସ୍ତେ ବୀମାଭୁକ୍ତ ହୋଇଥିବାରୁ ମାଙ୍କଡ଼ମାନେ ଯେଉଁ କ୍ଷତି କରୁଛନ୍ତି ତାହାକୁ ସେମାନେ ବୀମା କମ୍ପାନୀମାନଙ୍କ ଠାରୁ ଆଦାୟ କରୁଛନ୍ତି। ୨୦୧୮ରୁ ଏହା ବଢ଼ିବାରେ ଲାଗିଛି। ଗୋଟିଏ ବୀମା କମ୍ପାନୀଠାରୁ ମିଳିଥିବା ରିପୋର୍ଟ ଅନୁଯାୟୀ ଅଷ୍ଟ୍ରେଲିଆର ଜଣେ ମହିଳା ପର୍ଯ୍ୟଟକ ବାଲିକୁ ପର୍ଯ୍ୟଟନରେ ଯାଇଥିଲେ। ସେ ଏକ ସୁଇମିଂପୁଲରେ ସ୍ନାନ କରୁଥିବା ବେଳେ ଗୋଟିଏ ମାଙ୍କଡ଼ ଆସି ତାଙ୍କ ପାଖରୁ ତାଙ୍କର ସନ୍‌ଗ୍ଲାସ୍‌କୁ ଛଡ଼େଇ ନେଇ ଚାଲିଗଲା। ଆଉ ତାକୁ ନଷ୍ଟ କରିଦେଲା। ସେହି ମହିଳା ଜଣକ ତାଙ୍କ କମ୍ପାନୀଠାରୁ ୫୩୫ଡଲାର ଦାବି କରିଥିଲେ। ସେମିତି ଆଉ ଏକ ରିପୋର୍ଟ ହେଉଛି, ଆଉ ଜଣେ ପର୍ଯ୍ୟଟକ ରାସ୍ତାରେ ଚାଲିଚାଲି ଯାଉଥିଲେ। ହଠାତ୍ ରାସ୍ତାରେ ଧାଁ ଦଉଡ଼ ଆରମ୍ଭ ହୋଇଗଲା। ମାଙ୍କଡ଼ମାନେ ଉପଦ୍ରବ କରିବା ଆରମ୍ଭ କରିଦେଲେ। ତାଙ୍କ ଉପରକୁ ଗୋଟିଏ ମାଙ୍କଡ଼ ଝାମ୍ପି ପଡ଼ିଲା। ପର୍ଯ୍ୟଟକ ଜଣକ ତଳେ ପଡ଼ିଗଲେ। ତାଙ୍କର ଲାପ୍‌ଟପ୍ ଭାଙ୍ଗିଗଲା। ମାଙ୍କଡ଼ଟି ସେତିକିରେ ସନ୍ତୁଷ୍ଟ ନ ହୋଇ ତାଙ୍କଠାରୁ ତାଙ୍କ ସ୍ମାର୍ଟଫୋନ୍‌ଟି ଛଡ଼େଇ ନେଇ ଚାଲିଗଲା। ବ୍ୟକ୍ତିଜଣକ ମେଡ଼ିକାଲକୁ ବୁହା ହୋଇଗଲେ। ତାଙ୍କର ବୀମା ବାବଦକୁ କମ୍ପାନୀକୁ ୩୩୧୧ ଡଲାର ପଇଠ କରିବାକୁ ପଡ଼ିଲା।

# ବ୍ୟାକ୍ ପେଜ୍



## ଗୁରୁଣ୍ଡିବା ମାରାଥନ୍



ପିଲା ଗୁରୁଣ୍ଡିବା ଆରମ୍ଭ କଲେ ଘରସାରା ଘୂରି ବୁଲନ୍ତି। ଏମିତିକି ଖଟ ତଳ, ଟେବୁଲ ତଳ କୋଣ ଅନୁକୋଣ ଭିତରେ ପଶି ଯାଆନ୍ତି। ଯେତେ ଅଟକାଇଲେ ବି ସେମାନେ ଅଟକି ନ ଥାଆନ୍ତି। ବୋଧହୁଏ ଏହାକୁ ନଜରରେ ରଖି ୨୦୦୫, କଲମ୍ବିଆରେ ଆୟୋଜନ ହୋଇଥିଲା କୁନି ପିଲାଙ୍କ ଗୁରୁଣ୍ଡିବା ମାରାଥନ୍। ଏହାର ପ୍ରଥମ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ୮ରୁ ୧୮ ମାସର ୧୧୨୨ ଶିଶୁ। ଗୁରୁଣ୍ଡି ଗୁରୁଣ୍ଡି ପିଲାଙ୍କୁ ୫ ମିଟର ଦୂରତା ଅତିକ୍ରମ କରିବାକୁ ହୁଏ। ଏହି ମାରାଥନ୍ ଦେଖିବାକୁ ଭାରି ମଜାଦାର୍ ଲାଗେ। ଅନେକ ଶିଶୁ ଫିନିଶିଂ ଲାଇନ୍ ଆଡକୁ ନ ଯାଇ ଅନ୍ୟ ଆଡେ ବି ଚାଲି ଯାଆନ୍ତି। ଫିନିଶିଂ ଲାଇନ୍ ଆଡକୁ ସେମାନଙ୍କ ଧ୍ୟାନ ଆକର୍ଷଣ କରିବା ସମୟଟି ବେଶ୍ କୌତୂହଳମୟ ଲାଗେ। ଏହି ପ୍ରତିଯୋଗିତା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ଆୟୋଜନ କରାଯାଏ।

## ଲଭ୍ ଟ୍ରେନ୍

ଚାଇନାରେ ଏବେ ୨୦୦ ମିଲିୟନ ଅବିବାହିତ ବ୍ୟକ୍ତି ଅଛନ୍ତି। କାରଣ ଏଠାରେ ଲିଙ୍ଗଗତ ବ୍ୟବଧାନ ଅଧିକ। ଏହି ଏକାକୀ ଜୀବନକୁ ନେଇ ଅନେକେ ଦୁଃଖିତ ମଧ୍ୟ। ଏଠାକାର ଏକକ ସନ୍ତାନ ଯୋଜନା(ଯାହାକୁ ଏବେ ଉଠାଇ





ନିଆଯାଇଛି) ଯୋଗୁ ଅନେକେ କନ୍ୟା ଭ୍ରୂଣକୁ ନଷ୍ଟ କରିଛନ୍ତି। ତେଣୁ ଏବେ ଏହା ଏକ ସମସ୍ୟାର ରୂପ ନେଇଛି। ଆଗାମୀ ୩୦ ବର୍ଷ ଭିତରେ ୩୦ ମିଲିୟନ ଚାଇନା ପୁରୁଷଙ୍କୁ ଝିଅ ମିଳିବ ନାହିଁ। ସେଥିପାଇଁ ୨୦୧୬ରେ ଆରମ୍ଭ ହୋଇଥିଲା ୧୦ ବଗି ବିଶିଷ୍ଟ ଏକ ସ୍ୱତନ୍ତ୍ର ରେଳସେବା, ଯାହାର ନାଁ ୱାଇ୯୯୯ଲଭ୍ ପରସୁଟ୍ ଟ୍ରେନ୍। ଏଥିରେ ଦୁଇ ଦିନ ଓ ଗୋଟିଏ ରାତିର ଯାତ୍ରା କରିବା ସୁବିଧା ଥାଏ। ସେହି ସମୟ ମଧ୍ୟରେ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରଦାନ କରାଯାଏ ଓ ବିଭିନ୍ନ ଗେମ୍ ବି ଖେଳିବା ବ୍ୟବସ୍ଥା ଅର୍ଗାନାଇଜର୍‌ମାନେ କରିଥାଆନ୍ତି। ଯେମିତି କି ସମସ୍ତେ ପରସ୍ପରକୁ ଭଲଭାବେ ଚିହ୍ନିପାରିବେ। ତିନିବର୍ଷ ମଧ୍ୟରେ ୩୦୦୦ ଯୁବତୀଯୁବକ ଏଥିରେ ଯାତ୍ରା କରିସାରିଲେଣି। ଆଉ ଏହି ଯାତ୍ରା ମାଧ୍ୟମରେ ୧୦ଟି ବିବାହିତ ଯୋଡି ହୋଇପାରିଛି।

## ଦୁଇଟି ଚେହେରା ଥିବା ବ୍ୟକ୍ତି

ଦୁନିଆରେ ଏମିତି ଅନେକ ମଣିଷ ଅଛନ୍ତି, ଯାହାଙ୍କ ଅସ୍ତିତ୍ୱ ବେଶ୍ ରହସ୍ୟମୟ ହୋଇଥାଏ। ଆଉ ସେହି ରହସ୍ୟକୁ ଭେଦ କରିବା କାହାପକ୍ଷେ ସମ୍ଭପର ହୋଇ ନ ଥାଏ। ଊନବିଂଶ ଶତାବ୍ଦୀରେ ଇଂଲଣ୍ଡରେ ସେହିଭଳି ଜଣେ ମଣିଷ ଥିଲେ। ଦାବି କରାଯାଉଥିଲା କି ତାଙ୍କର ଦୁଇଟି ଚେହେରା ଥିଲା। ଗୋଟିଏ ସାମ୍ନା ଭାଗରେ ଓ ଅନ୍ୟଟି ପଛପଟେ। ପୃଥିବୀର ସେ ଥିଲେ ଏକମାତ୍ର ଦୁଇ ଚେହେରା ବ୍ୟକ୍ତି। ତାଙ୍କ ନାମ ଥିଲା ଏଡୱାର୍ଡ ମୋରଡ୍ରାକ୍। କୁହାଯାଏ ପଛଭାଗର ଚେହେରା ସବୁବେଳେ ସକ୍ରିୟ ରହୁ ନ ଥିଲା। ହେଲେ ଶୋଇବା ସମୟରେ ସେହି ଚେହେରା ସକ୍ରିୟ ହୋଇଯାଉଥିଲା। ଆଉ ରାତିସାରା ଫୁସ୍ ଫୁସ୍ ହେଉଥିଲା। ୧୯୮୫ରେ ବୋଷ୍ଟନ୍ ପୋଷ୍ଟରେ ଏଡୱାର୍ଡଙ୍କ ସମ୍ପର୍କରେ ଲେଖା ପ୍ରକାଶ ପାଇଥିଲା। ସେଥିରେ ଲେଖାଥିଲା ଯେ, ଏଡୱାର୍ଡ ତାଙ୍କ ଦ୍ୱିତୀୟ ଚେହେରା ଯୋଗୁ ଅନେକ ସମସ୍ୟା ଭୋଗୁଥିଲେ। ରାତି ରାତି ଶୋଇପାରୁ ନ ଥିଲେ। ସେ ଡାକ୍ତରଙ୍କ ପାଖକୁ ଯାଇ ସେହି ଚେହେରାକୁ ବାହାର କରିଦେବାକୁ ଅନୁରୋଧ କରିଥିଲେ। ହେଲେ ସେ ସମୟରେ ଚିକିତ୍ସା ବିଜ୍ଞାନ ଏତେ ବିକଶିତ ହୋଇ ନ ଥିଲା। ତେଣୁ ସେମାନେ ମନା କରିଦେଇଥିଲେ। ଦ୍ୱିତୀୟ ଚେହେରାଟି ଭଲ ଭାବେ କଥା କହିପାରୁ ନ ଥିଲେ ହେଁ ହସି ପାରୁଥିଲା, କାନ୍ଦି ପାରୁଥିଲା, ଫୁସ୍ ଫୁସ୍ ହେବା ସହ ଅଜବ ଶବ୍ଦ ବାହାର କରିପାରୁଥିଲା। ନର୍କ ବିଷୟରେ ଫୁସ୍ ଫୁସ୍ ହୋଇ କହୁଥିଲା। ଏମିତି ବି କୁହାଯାଏ ଏଡୱାର୍ଡ ଯେବେ ହସୁଥିଲେ ଦ୍ୱିତୀୟ ଚେହେରା କାନ୍ଦୁଥିଲା ଓ ସେ କାନ୍ଦିଲେ ଦ୍ୱିତୀୟ ଚେହେରା ହସୁଥିଲା। ଫଳରେ ସେ ସବୁବେଳେ ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ। ଶେଷରେ ତାଙ୍କୁ ଯେବେ ୩୭ ବର୍ଷ ବୟସ ସେ



ଆତ୍ମହତ୍ୟା କଲେ। ୧୮୯୬ର ମେଡିକାଲ ଏନ୍‌ସାଇକ୍ଲୋପିଡିଆରେ ଏଡୱାର୍ଡଙ୍କ ମେଡିକାଲ କଣ୍ଡିଶନ୍ ସମ୍ପର୍କରେ କୁହାଯାଇଛି। ତଥାପି ଅନେକେ ଏହାକୁ ଏକ କାହାଣୀ ବୋଲି ଭାବନ୍ତି।